# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ରାଉରକେଲା, ୨୧।୬(ସମିସ)**

ଜୁନ୍ ୨୧ ତାରିଖ ସମଗ୍ର ବିଶ୍ୱରେ ପାଳନ ହେଉଛି ଆନ୍ତର୍ଜାତିକ ଯୋଗ ଦିବସ। ୨୦୧୪ ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ ତମ ଅଧିବେଶନରେ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗଢ଼ି ତୋଳିବା ସହ ଯୋଗ ପରି ଭାରତୀୟ ପରମ୍ପରାକୁ ଆପଣାଇବାକୁ ପ୍ରସ୍ତାବ ରଖିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପରେ ଯୋଗର ଉପକାରିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ମିଳିତ ଜାତିସଂଘର ୧୯୩ ରାଷ୍ଟ୍ର ଜୁନ୍ ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରିବାକୁ ସମ୍ମତ ହୋଇଥିଲେ। ଏହାର ପରବର୍ଷ ଅର୍ଥାତ୍ ୨୦୧୫ ଜୁନ ୨୧ରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଆସୁଛି। ଏହି କ୍ରମରେ ଶୁକ୍ରବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି।


ରାଉରକେଲା ମହାନଗର ନିଗମ


କ୍ରୀଡ଼ା ଓ ଯୁବସେବା ବିଭାଗ



ଗାନ୍ଧୀ ମହାବିଦ୍ୟାଳୟ

## ରାଉରକେଲା ମହାନଗର ନିଗମ

ବିଶ୍ୱର କୋଣ ଅନୁକୋଣରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କ୍ରମରେ ରାଉରକେଲା ମହାନଗର ନିଗମ ତରଫରୁ ସ୍ଥାନୀୟ ଛେଣ୍ଡ ମଧୁସୂଦନ ମଣ୍ଡପରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ ଓ ପ୍ରାଣାୟାମ କରାଯାଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ସମଗ୍ର ବିଶ୍ୱକୁ ଭାରତ ଯୋଗ ଭଳି ଅମୂଲ୍ୟ ଉପହାର ଦେଇଛି। ବ୍ୟସ୍ତବହୁଳ ଜୀବନଶୈଳୀରେ ନିରୋଗ ରହିବା ପାଇଁ ପ୍ରତିଦିନ ଯୋଗ କରିବା ଆବଶ୍ୟକ ବୋଲି ଏହି ଅବସରରେ ବିଧାୟକ ନାୟକ କହିଥିଲେ। ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସମସ୍ତେ ଯୋଗ ଅଭ୍ୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ନିୟମିତ ଯୋଗାଭ୍ୟାସ ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ଅନୀତା ନାୟକଙ୍କ ସହ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ତହସିଲଦାର ନିବେଦିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା, ବିଭିନ୍ନ ସରକାରୀ ବିଭାଗର କର୍ମଚାରୀ, ଆରଏମସି ଅଧିକାରୀ, କର୍ମଚାରୀ, ଆଶାକର୍ମୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ସ୍ଥାନୀୟ ଅଧିବାସୀ ସାମିଲ ନେଇଥିଲେ।

## କ୍ରୀଡ଼ା ଓ ଯୁବସେବା ବିଭାଗ

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଯୋଗଦେଇ କହିଲେ, ଆଜି ବିଶ୍ୱକୁ ଏକ ସୂତ୍ରରେ ଯୋଗ ବାନ୍ଧି ରଖିଛି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗକୁ ନିଜ ଜୀବନଚର୍ଯ୍ୟାରେ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ଭାରତର ବହୁ ପୁରୁଣା ଯୋଗ ସଂସ୍କୃତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତିସଂଘ ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ଧନ୍ୟବାଦ ଜଣାଇଥିଲେ।

ଏଥିରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି, ଆରଏମସି ଡେପୁଟି କମିଶନର ଅଜିତ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଭିଜିତ ମହାନ୍ତ ସାମିଲ ହୋଇ ନିୟମିତ ଭାବେ ଯୋଗ କରିବାକୁ ଉତ୍ସାହିତ କରିଥିଲେ। ଯୋଗ ପ୍ରଶିକ୍ଷକ ଶଶିଭୂଷଣ ପତି ଯୋଗଶିକ୍ଷା ଦେଇଥିଲେ। କଲ୍ୟାଣୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, କ୍ରୀଡ଼ା ଛାତ୍ରାବାସ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଏଥିରେ ଅଂଶଗ୍ରହଣ କରିଥିଲେ। କଲ୍ୟାଣୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସୁଧାଂଶୁ ଶେଖର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

ସେହିପରି ପ୍ରସିଦ୍ଧ ବେଦବ୍ୟାସ ପୀଠର ବ୍ୟାସ ମଣ୍ଡପରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ଏଥିରେ ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସ୍ୱରସ୍ୱତୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ବେଦବ୍ୟାସ ଉଚ୍ଚ ବିଦ୍ୟାଳୟ, ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ଓ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଜନସାଧାରଣ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଧାନାଚାର୍ଯ୍ୟ ଡ. ଉମାକାନ୍ତ ପଣ୍ଡା ଓ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚରଣ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

## ଗାନ୍ଧୀ ମହାବିଦ୍ୟାଳୟ

ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳୟ ସଭାଗୃହରେ ଅଧକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଯୋଗଦେଇ କହିଲେ, ଯୋଗ ହେଉଛି ବ୍ୟକ୍ତିର ଅନ୍ତରାତ୍ମା ସହ ପରମାତ୍ମାଙ୍କ ଯୋଡ଼ିହେବା। ଏହା ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଭଲ ରଖିବାର ଏକ ସହଜ ପଦ୍ଧତି। ପ୍ରାଚୀନ ବୈଦିକ କାଳରୁ ଭାରତରେ ଯୋଗର ବୈଶିଷ୍ଟ୍ୟ ରହିଆସିଥିବା ବେଳେ ଏହାକୁ ଏକ ଧାରାରେ ପକାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୧୫ ଜୁନ ୨୧ରୁ ପ୍ରତିବର୍ଷ ବିଶ୍ୱ ଯୋଗ ଦିବସ ପାଳନ ହୋଇଆସୁଛି ବୋଲି ସେ କହିଥିଲେ।

ଯୋଗ ପ୍ରଶିକ୍ଷିକା ଲିସା ନାୟକ ସୂର୍ଯ୍ୟ ନମସ୍କାର, ପ୍ରାଣାୟମର ବିଭିନ୍ନ ଆସନ ଓ ଯୋଗ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧକ୍ଷ ଡ. ପଟ୍ଟନାୟକ ସମସ୍ତଙ୍କୁ ପ୍ରାର୍ଥନା, ଶାନ୍ତିପାଠ ସହ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବାକୁ ଶପଥପାଠ କରାଇଥିଲେ। ରସାୟନ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ସୁରେଶ ମହାପାତ୍ର ମଞ୍ଚାସୀନ ଥିଲେ। ଖେଳ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ବଳ, ଏନ୍‌ସିସି ଅଫିସର ପ୍ରତାପ ମହାଳିକ, ଏନ୍‌ଏସଏସ ଅଫିସର ଡ. ଅଜୟ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରବନ୍ଧ, କ୍ୱିଜ୍, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡ. ଅଶୋକ ବେଉରା ଧନ୍ୟବାଦ୍ ଦେଇଥିଲେ।

## ରାଉରକେଲା ଇସ୍ପାତ କାରଖାନା

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଶୁକ୍ରବାର ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ଆୟୋଜିତ ଯୋଗ ଅଧିବେଶନରେ ୫୦୦ରୁ ଊର୍ଦ୍ଧ୍ୱ ଇସ୍ପାତ ସହରବାସୀ ଅଂଶଗ୍ରହଣ କରିଥିଲେ। ସକାଳ ଓ ସନ୍ଧ୍ୟାରେ ସେକ୍ଟର-୨୦ ଇନ୍‌ଡୋର ଷ୍ଟାଡିୟମରେ ଏହି ଗଣ ଯୋଗାଭ୍ୟାସ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆରଏସପିର ବିଭିନ୍ନ କମ୍ୟୁନିଟି ସେଣ୍ଟର ଏବଂ କାରଖାନାର ବିଭିନ୍ନ ବିଭାଗରେ ମଧ୍ୟ ଯୋଗଶିବିର ଅନୁଷ୍ଠିତ ହୋଇଥିଲା। ଆରଏସପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, ଏଚଆର ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ, ଦୀପିକା ମହିଳା ସଂଘଟିର ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ପ୍ରଭାତୀ ମିଶ୍ର, ନମ୍ରତା ବର୍ମାଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଓ ଇସ୍ପାତ ସହରାଞ୍ଚଳର ଜନସାଧାରଣ ଯୋଗଦେଇଥିଲେ।

ଯୋଗ ଶିବିରରେ ସିଆଇଏସଏଫ କର୍ମୀ ତଥା ଇସ୍ପାତ ସହରାଞ୍ଚଳରେ ଥିବା ଆରଏସପିର କମ୍ୟୁନିଟି ସେଣ୍ଟରଗୁଡ଼ିକରେ ପରିଚାଳିତ ଯୋଗାଭ୍ୟାସ କେନ୍ଦ୍ରର ନିୟମିତ ଯୋଗାଭ୍ୟାସକାରୀଙ୍କ ସମେତ ବିଭିନ୍ନ ବୟସ ବର୍ଗର ବ୍ୟକ୍ତି ଯୋଗଦେଇଥିଲେ। ଆରଏସପି ଯୋଗ କେନ୍ଦ୍ର ତଥା ସୁନ୍ଦରଗଡ଼ ପତଞ୍ଜଳି ଯୋଗ ସମିତି ସଭାପତି ଯୋଗଗୁରୁ ଅକ୍ରୂର ମାର୍ଥାଙ୍କ ନେତୃତ୍ୱରେ ଏହି ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ସିଆରଏମ ବିଭାଗର ଏମଓଏମଟି ଅନିଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିଭଳି ସେକ୍ଟର-୨୨ କମ୍ୟୁନିଟି ସେଣ୍ଟରରେ ଅନ୍ୟ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭାଗ ନେଇଥିଲେ। ଏହି ଦୁଇ ଯୋଗ ଶିବିରକୁ ଏଚଏ, ପିଏଚଏସ, ଏସଡବ୍ଲ୍ୟୁ, କ୍ରୀଡ଼ା ଏବଂ ବିମାନବନ୍ଦର ବିଭାଗର ଜିଏମ ଆରକେ ବର୍ମା ଓ କ୍ରୀଡ଼ା ବିଭାଗ ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

ଆରଏସପିର ସେଣ୍ଟ୍ରାଲ ଫାୟାର ଷ୍ଟେସନ ବିଭାଗରେ ଅନୁରୂପ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ବିଭାଗର ୪୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଫାୟାର ଅପରେଟର ଲୋହିତ ମହାନ୍ତ ଯୋଗଶିକ୍ଷା ଦେଇଥିଲେ। ଅନ୍ୟ


ରାଉରକେଲା ଇସ୍ପାତ କାରଖାନା

ଏକ ସାନ୍ଧ୍ୟକାଳୀନ ଯୋଗ ଅଧିବେଶନ ସେକ୍ଟର-୬ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ବିଗନର୍ସ ଏକାଡେମୀ ଦ୍ୱାରା ମଧ୍ୟ ଏକ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ସେହିପରି ବଲାଣି ଓର୍ ମାଇନ୍ସରେ ଆୟୋଜିତ ଯୋଗ ଅଧିବେଶନରେ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀତା ଦାସଙ୍କ ନେତୃତ୍ୱରେ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ତଥା ଶିଳ୍ପ ସହରବାସୀଙ୍କୁ ସୁସ୍ଥ ଜୀବନ ଧାରଣ ନିମନ୍ତେ ଅନୁପ୍ରେରିତ କରିବା ଲକ୍ଷ୍ୟରେ ଆରଏସପି ଦ୍ୱାରା ୧୫ଟି ଯୋଗାଭ୍ୟାସ କେନ୍ଦ୍ର ପରିଚାଳନା କରାଯାଉଛି ଯାହା ଇସ୍ପାତ ସହରର ବିଭିନ୍ନ କମ୍ୟୁନିଟି ସେଣ୍ଟରରେ ନିୟମିତ ରୂପେ କାର୍ଯ୍ୟ କରୁଛି।

## ଆରଇସି ସରକାରୀ ଉଚ୍ଚ ବିଦ୍ୟାଳୟ

ଆରଇସି ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏନ୍‌ଆଇଟି କ୍ୟାମ୍ପସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଗୁରୁ ହରେକୃଷ୍ଣ ମାଝୀ ଯୋଗଦେଇ ଯୋଗର ଉପକାରିତା ବିଷୟରେ ଦିଗଦର୍ଶନ ଦେବାସହ ବିଭିନ୍ନ ଆସନ ପ୍ରାଣାୟମ ଆଦି ଶିଖାଇଥିଲେ। ଶିକ୍ଷୟିତ୍ରୀ ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଅଜୟ ରାଉତ, ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ, ଅନ୍ନପୂର୍ଣ୍ଣା ସାହୁ, ସସ୍ମିତା ପଟ୍ଟନାୟକ, ଛବିରାଣୀ ପ୍ରଧାନ, ମମତା ସେନାପତି, ସୀତାରାମ ସାହୁ, ସୁଜାତା ମିଶ୍ର, ନମିତା ଦନ୍ତା, ମିନତି ଖମାରୀ, ପୂଜାରାଣୀ ସ୍ୱାଇଁ, ସାଗର ରଞ୍ଜନ ପରିଡ଼ା, ହରିଶଙ୍କର କାମିଲା, କର୍ମଚାରୀ ବିଜୟ ମହାନ୍ତ, ସୁରେଖା ନାୟକ, ଯତୀନ୍ଦ୍ର ଭୋଇ ସହଯୋଗ କରିଥିଲେ।

## ଏନ୍‌ଆଇଟି ରାଉରକେଲା

ଏନ୍‌ଆଇଟି ରାଉରକେଲା କମ୍ୟୁନିଟି ତରଫରୁ 'ନିଜ ତଥା ସମାଜ ପାଇଁ ଯୋଗ' ଶୀର୍ଷକରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏନ୍‌ଆଇଟିସ୍ଥିତ ଯୋଗ ଓ ପ୍ରାକୃତିକ କଲ୍ୟାଣ କେନ୍ଦ୍ର ପକ୍ଷରୁ ଯୋଗବିଦ୍ୟା ଷ୍ଟୁଡେଣ୍ଟ କ୍ଲବ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିନିଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନ ଯୋଗ ଆସନ ପରିବେଷଣ ସହ ଆରମ୍ଭ ହୋଇଥିଲା ଏବଂ ପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ କରାଯାଇଥିଲା। ଯୋଗ ଶିକ୍ଷକ ଡ. ଖଗେଶ୍ୱର ଓଝା ଓ ବଟକୃଷ୍ଣ ସାହୁ ଏହି ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ।

ଏନ୍‌ଆଇଟିର ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଉତ୍ସବର ଦ୍ୱିତୀୟ ଅଧିବେଶନ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଯୋଗ ଓ କଲ୍ୟାଣ କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ପ୍ରଫେସର ସରୋଜ ଏଲ୍. ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ଏନ୍‌ଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ କହିଲେ, କେବଳ ବସି ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ଦୈନନ୍ଦିନ ରୁଟିନ୍‌ରେ ଆମେ ଆମ ମନ ଓ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଅନୁଭବ କରିପାରିବା। ଆଜିକାଲି ଦୁନିଆରେ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଯୋଗୁଁ ଅନେକ ଯୁବକ ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗର ଶିକାର ହେଉଛନ୍ତି। ଦୈନନ୍ଦିନ ଜୀବନଶୈଳୀରେ ଯୋଗକୁ ସାମିଲ କରିବା ଅତ୍ୟନ୍ତ ଲାଭଦାୟକ ହୋଇପାରେ, କାରଣ ଏହା ଆରାମକୁ ପ୍ରୋତ୍ସାହିତ କରିଥାଏ, ମାନସିକ ଚାପକୁ ହ୍ରାସ କରିଥାଏ ଏବଂ ହୃଦ୍‌ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ଆଣିଥାଏ ବୋଲି ସେ କହିଥିଲେ।

ଯୋଗର ଆବଶ୍ୟକତା ସମ୍ପର୍କରେ ଭାଲ୍ୟୁ ଆଡେଡ୍ ଓ ଏକ୍ସଟ୍ରା ଏକାଡେମିକ୍ ଆକ୍ଟିଭିଟି ସେଲ ଅଧକ୍ଷ ପ୍ରଫେସର ଶୁଭଙ୍କର ପଲ୍ କହିଲେ, ଏନ୍‌ଆଇଟି ରାଉରକେଲାରେ ନୂଆ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏନ୍‌ସିସି, ଏନ୍‌ଏସ୍‌ଏସ୍, ଶାରୀରିକ ଶିକ୍ଷା, ମୂଲ୍ୟଗତ ଶିକ୍ଷା ଓ ନୈତିକତା, ବୈଦେଶିକ ଭାଷା, ଆତ୍ମରକ୍ଷା, ସଙ୍ଗୀତ, ନିରନ୍ତର ଜୀବନଯାପନ ଇତ୍ୟାଦି ପାଠ୍ୟକ୍ରମ ଉପଲବ୍ଧ ହେଉଛି। ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ଉପରେ ଧ୍ୟାନ ଦେଇ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏଭଳି ଏକ ପାଠ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ଏସ୍. ଜେନା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ଯୋଗଦେଇ କ୍ୟାମ୍ପସ୍ କମ୍ୟୁନିଟି ମଧ୍ୟରେ ଯୋଗର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଲେ ଯେ ୨୦୧୫ରେ ଆନ୍ତର୍ଜାତିକ ଯୋଗ ଦିବସ ଆରମ୍ଭ ହେବା ପରଠାରୁ ଏହା ସାମଗ୍ରିକ ମଙ୍ଗଳ ଓ ସଦ୍ଭାବନାକୁ ପ୍ରୋତ୍ସାହିତ କରି ଏକ ବିଶ୍ୱସ୍ତରୀୟ ଆନ୍ଦୋଳନରେ ପରିଣତ ହୋଇଛି। ଯୋଗ ଓ ପ୍ରାକୃତିକ କଲ୍ୟାଣ ଦାୟିତ୍ୱରେ ଥିବା ସହ-ପ୍ରଫେସର ଡ. ବିନୋଦ ବି. ସାହୁ ଧନ୍ୟବାଦ ଅର୍ପଣ କରି ଯୋଗକୁ ଆତ୍ମଆବିଷ୍କାର ଓ ସାମାଜିକ କଲ୍ୟାଣ ଯାତ୍ରାରେ ଜୀବନବ୍ୟାପୀ ସାଥୀ ଭାବେ ଉପସ୍ଥାପନ କରିଥିଲେ।

ଅନ୍ୟ ଏକ ଅଧିବେଶନରେ 'ଯୋଗ ଅଭ୍ୟାସ ବୃଦ୍ଧିରେ ଆତ୍ମ-ସ୍ୱାସ୍ଥ୍ୟସେବାର ଭୂମିକା' ଉପରେ ଡ. ବିଶ୍ୱଜିତ ମହାପାତ୍ର ଏବଂ ପ୍ରଫେସର ପତିତପାବନ ଦାସଙ୍କ ଦ୍ୱାରା 'ଯୋଗ-ଦ ଆର୍ଟ ଅଫ୍ ସିଷ୍ଟମେଟିକ୍ ସବ୍‌ଷ୍ଟ୍ରାକ୍ସନ୍' ଶୀର୍ଷକ ବକ୍ତୃତା ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ଆର୍ଟ ଅଫ୍ ଲିଭିଂର ଶିକ୍ଷକ ଡ. ଗିରିଜା ଶଙ୍କର ଦାସଙ୍କ ଦ୍ୱାରା 'ସୁଖ ଓ ସୃଜନଶୀଳତାକୁ ଅନଲକ୍ କରିବା ପାଇଁ ପାସୱାର୍ଡ଼' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏନ୍‌ଆଇଟି ରାଉରକେଲା ଯୋଗ କ୍ଲବ ଛାତ୍ରଛାତ୍ରୀମାନେ ଯୋଗ ପରିବେଷଣ କରିଥିଲେ। ରାଉରକେଲା କେନ୍ଦ୍ରୀୟ ବିଦ୍ୟାଳୟ-ଏନ୍‌ଆଇଟି ରାଉରକେଲାର ଛାତ୍ରଛାତ୍ରୀମାନେ ଯୋଗାସନ ଅଭ୍ୟାସ କରିଥିଲେ।


ବଣାଇଁ ଅଞ୍ଚଳ



## ବଣାଇଁ ଅଞ୍ଚଳ

ବଣାଇଁ, ୨୧।୬(ସମିସ): ବଣାଇଁର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ରାଜା ଧରଣୀଧର ହାଇସ୍କୁଲ ପଛ ପାର୍ଶ୍ୱରେ ଥିବା ହକି ପ୍ରଶିକ୍ଷଣ କେନ୍ଦ୍ରରେ ବଣାଇଁ ପ୍ରଶାସନ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ଏହି ଯୋଗ ଶିବିରରେ ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କୁ ଯୋଗ ପ୍ରାଣାୟାମ କରିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ତହସିଲଦାର ଅଶୋକ କୁମାର ଗର୍ଡିଆ, ବିଇଓ ସୁନୀଲ କୁମାର ମୁଣ୍ଡୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ ଓ ଜନସାଧାରଣ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଯୋଗଗୁରୁ ପ୍ରଶାନ୍ତ କୁମାର ବେହେରା, ଦୁଃଖବନ୍ଧୁ ବଗର୍ତ୍ତୀ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

ସେହିପରି ବଣାଇଁଗଡ଼ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ଯୋଗ କରିବା ସହ ଆଜିର ବ୍ୟସ୍ତ ବହୁଳ ଜୀବନରେ ଶାନ୍ତିପୂର୍ଣ୍ଣ ତଥା ଚାପମୁକ୍ତ ପରିବେଶରେ ଉଭୟ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିବା ପାଇଁ ଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷାବିତ ଶୁଭେନ୍ଦୁ ନାଥ ମଲ୍ଲିକ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଉମାଶଙ୍କର ଦାସ, ମହାବିଦ୍ୟାଳୟ ଅଧକ୍ଷ ଜେନାମଣି ସାହୁ, ଅଧ୍ୟାପକ ପ୍ରେମସାଗର ମାହାନ୍ତ, ମୃତ୍ୟୁଞ୍ଜୟ ବ୍ରହ୍ମ, ସତ୍ୟବ୍ରତ ନନ୍ଦ, ଯୋଗଗୁରୁ ବୃନ୍ଦାବନ ସାହୁ, ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଯୋଗ କରିବା ସହ ପରିବେଶର ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ। ବଣାଇଁ ସିଭିଲ କୋର୍ଟ ପରିସରରେ ଯୋଗ ପ୍ରଶିକ୍ଷକ ସୁଜିତ କୁମାର ପାତ୍ରଙ୍କ ଉପସ୍ଥିତିରେ ଯୋଗ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଡ. ମହମ୍ମଦ ଇସାରୁଦ୍ଦିନ ନବୀ, ସମ୍ମାନିତ ଅତିଥି ଭାବେ ବଣାଇଁ ଏସଡିଜେଏମ ପ୍ରୀତୀଶ ମିଶ୍ର ଯୋଗଦେଇ କୋର୍ଟର ସମସ୍ତ କର୍ମକର୍ତ୍ତାଙ୍କ ସହ ଯୋଗ କରିବା ସହ ଯୋଗ ସାଧନା ଦ୍ୱାରା ଆମେ ସମସ୍ତେ ସୁସ୍ଥ ଓ ନିରୋଗ ରହିବା ବୋଲି କହିଥିଲେ।

## ଗୁରୁଣ୍ଡିଆ ବ୍ଲକ

ଗୁରୁଣ୍ଡିଆ, ୨୧।୬(ସମିସ): ଗୁରୁଣ୍ଡିଆସ୍ଥିତ ମିନି ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ସକାଳ ୬ଟାରୁ ଯୋଗ ପ୍ରଶିକ୍ଷକ ମୋହନ ପ୍ରିୟା କିଷାନ ଓ ଯୋଗେନ୍ଦ୍ର ମାହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ଗୁରୁଣ୍ଡିଆ ବିଡିଓ ମିହିର ରଞ୍ଜନ ବେହେରା ବ୍ଲକ ଇଞ୍ଜିନିୟର ମଧୁସ୍ମିତା ମିଶ୍ରଙ୍କ ସମେତ ସମସ୍ତ ଅଧିକାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥି ଭାବେ ବିଜେପି ବଣାଇଁ ସାଂଗଠନିକ ଜିଲ୍ଲା ସଧାରଣ ସମ୍ପାଦକ ଅଭିରାମ ମହାକୁଳ, ଜିଲ୍ଲା ଉପ ସଭାପତି ବାସୁଦେବ ସାହୁ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ସଭାପତି ଅଭିମନ୍ୟୁ ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ।


ଆରଇସି ସରକାରୀ ଉଚ୍ଚ ବିଦ୍ୟାଳୟ


ଏନ୍‌ଆଇଟି ରାଉରକେଲା



ଗୁରୁଣ୍ଡିଆ ବ୍ଲକ

## ନାବାଳିକାକୁ ଅସଦାଚରଣ ଅଭିଯୋଗ

**ସୁନ୍ଦରଗଡ଼, ୨୧।୬(ସମିସ):** ଭଷ୍ମା ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକାକୁ ଗ୍ରାମର ତନ୍ମୟ ରୋହିଦାସ ଅସଦାଚରଣ କରି ଆସୁଥିବା ଅଭିଯୋଗ ହୋଇଛି। ତନ୍ମୟ ତାଙ୍କୁ କୁଆଡ଼େ ହଇରାଣ ହରକତ କରୁଥିବା ବେଳେ ବଳପୂର୍ବକ ଆଲିଙ୍ଗନ କରିଥିଲେ। ନାବାଳିକା ଜଣକ ଏହାର ବିରୋଧ କରିବାରୁ ସେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ନାବାଳିକାଙ୍କ ବାପା ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଚୋରା ଚାଲାଣ ହେଉଥିବା ମଦ ଜବତ

**ସୁନ୍ଦରଗଡ଼, ୨୧।୬(ସମିସ):** ଶୁକ୍ରବାର ସକାଳେ ଭଷ୍ମା ଥାନା ପୁଲିସ ଭଷ୍ମା ଛକରୁ ଚୋରା ଚାଲାଣ ହେଉଥିବା ବିଦେଶୀ ଜବତ କରିଛି। ବିବେକ କୁମାର ସିଂ ପ୍ରାୟ ୧୫ ଲିଟର ୬୦୦ ମି.ଲି ଚୋରା ବିଦେଶୀ ମଦ ନେଇ ଯାଉଥିବା ବେଳେ ପୁଲିସ ପାଟ୍ରୋଲିଂ ଦଳ ହାବୁଡ଼ରେ ପଡ଼ିଥିଲେ। ପୁଲିସ ମଦ ଜବତ କରି ବିବେକଙ୍କୁ ୪୧ ସିଆରପିସି ନୋଟିସରେ ଛାଡ଼ିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ରାଉରକେଲା, ୨୧।୬(ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ସେକ୍ଟର-୭ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ, ସେକ୍ଟର-୬ ବସ୍ତିର ସଏଦ ମବିକ୍ୟୁର ରେହମନ। ପୁଲିସ ସୂଚନା ମୁତାବକ, ଉକ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ସଏଦଙ୍କ ପ୍ରେମ ସମ୍ପର୍କ ଥିଲା। ଗତ ୧ ତାରିଖ ସଏଦ ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିଲେ। ଏନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଠିକା ସଂସ୍ଥାରୁ ୧୧ କେଭି ତାର ଚୋରି; ୨ ଶ୍ରମିକ ଗିରଫ

**ରାଉରକେଲା, ୨୧।୬(ସମିସ):** ଠିକା ସଂସ୍ଥାରୁ ୧୧ କେଭି ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ଦୁଇ ଶ୍ରମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାରର ବିଶାଲ ଶର୍ମା (୨୨) ଓ ପମ୍‌ପମ୍ କୁମାର (୨୪)। ଏମାନଙ୍କଠାରୁ ୯୦୦ ମିଟର ବିଦ୍ୟୁତ୍ ତାର ଜବତ କରାଯାଇଛି।

ପୁଲିସ ସୂଚନା ମୁତାବକ, ବିରକେରା ଅଞ୍ଚଳରେ ଗତ କିଛିଦିନରୁ ନୂତନ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ କାର୍ଯ୍ୟ ଜାରି ରହିଛି। କାମ ନେଇଥିବା ଠିକା ସଂସ୍ଥା ସ୍ଥାନୀୟ ମିନି ହକି ଷ୍ଟାଡିୟମ୍‌ରେ ଏକ କ୍ୟାମ୍ପ କରିଥିଲେ। କ୍ୟାମ୍ପରେ ଶ୍ରମିକମାନେ ରହୁଥିବାବେଳେ ବିଭିନ୍ନ ବିଦ୍ୟୁତ୍ ସାମଗ୍ରୀ ରଖାଯାଇଥିଲା। ଏହାର ସୁଯୋଗ ନେଇ ବିଶାଲ ଓ ପମ୍‌ପମ୍ ବିଭିନ୍ନ ସମୟରେ ୯୦୦ ମିଟର ତାର ଚୋରିକରି ନେଇଥିଲେ। ଠିକାଦାର ସବୁଦିନ ଭଳି ଗତ ୧୯ ତାରିଖ ସମସ୍ତ ସାମଗ୍ରୀ ଚେକ୍ କରୁଥିବା ବେଳେ ଚୋରି ହୋଇଥିବା ଜାଣିପାରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ ଚଳାଇଥିଲା। ବିଶାଲ ଓ ପମ୍‌ପମଙ୍କୁ ପଚରାଉଚରା ପରେ ଚୋରି ସେମାନେ କରିଥିବା ଜଣାପଡ଼ିଥିଲା। ଉକ୍ତ ତାରକୁ ସେମାନେ ଖଣ୍ଡ ଖଣ୍ଡ କରି କ୍ୟାମ୍ପ ପଛପଟେ ଲୁଚାଇ ରଖିଥିଲେ। ପରେ ସ୍କ୍ରାପରେ ବିକ୍ରି କରିବାକୁ ଯୋଜନା କରିଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ଜବତ ହୋଇଥିବା ତାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି।

● ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ

## ଶିବାଜୀଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ



**ରାଉରକେଲା, ୨୧।୬(ସମିସ):** ଛତ୍ରପତି ଶିବାଜୀଙ୍କ ରାଜ୍ୟ ଅଭିଷେକ ଦିବସକୁ ହିନ୍ଦୁ ସାମ୍ରାଜ୍ୟ ଦିବସ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ପକ୍ଷରୁ ପାଳିତ ହୋଇଛି। ଏହି କ୍ରମରେ ମାହେଶ୍ୱରୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାନ୍ତ ସଂଘ ସଞ୍ଚାଳକ ଡ. ସନାତନ ପ୍ରଧାନ ମୁଖ୍ୟଅତିଥି, ମହାନଗର ନିଗମ ସଞ୍ଚାଳକ ବେନି ଗୋପାଳ ମଲାନି ସମ୍ମାନିତ ଅତିଥି, ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ସଦାନନ୍ଦ ସାପ୍ରେ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଶିବାଜୀଙ୍କ ଆଦର୍ଶ ଅନୁସରଣ କରି ହିନ୍ଦୁତ୍ୱର ପତାକା ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶିବାଜୀ ଜଣେ ଆଦର୍ଶ ରାଜା ଥିଲେ। ହିନ୍ଦୁ ରାଜନୀତି କ୍ଷେତ୍ରରେ ସେ ଜଣେ ନାୟକ ଭାବେ ପରିଚିତ ହୋଇପାରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ମହାରାଜଙ୍କ ଜୀବନ ଆଦର୍ଶକୁ ଅନୁସରଣ କରି ହିନ୍ଦୁତ୍ୱ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମିଠା ବଣ୍ଟନ କରାଯାଇଥିଲା।

### ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଆଜି

# ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତି





**ରାଉରକେଲା, ୨୧।୬(ସମିସ)**

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଶନିବାର ଅନୁଷ୍ଠିତ ହେବ। ସ୍ନାନବେଦିରେ ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରା ଭକ୍ତଙ୍କୁ ଦର୍ଶନ ଦେବା ସହ ମହାପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହେବ। ଏ ନେଇ ରାଉରକେଲାର ସର୍ବପୁରାତନ ଦେବପୀଠ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ଗୀତା ଭବନରେ ଶ୍ରୀ ଶ୍ରୀ ଜଗନ୍ନାଥ ଓ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମନ୍ଦିର ସେବାୟତ ସଂଘ କର୍ମକର୍ତ୍ତା, ଷ୍ଟିଅରିଂ କମିଟି ସଦସ୍ୟ ଓ ସତ୍ୟସାଇ ସେବା ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସତ୍ୟସାଇ ସେବା ସମିତିର ପ୍ରଦୀପ ପଟ୍ଟନାୟକ ସ୍ନାନ ପୂର୍ଣ୍ଣିମାକୁ ନେଇ ମନ୍ଦିରର ସଫେଇ କାର୍ଯ୍ୟ ସମାପନ ଉପରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଦେବସ୍ନାନ ପୂର୍ଣ୍ଣିମାର ସମୟ ନିର୍ଘଣ୍ଟ ଅନୁସାରେ ସମସ୍ତ ନୀତି ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ସକାଳ ୪ଟା ୪୫ରେ ଦ୍ୱାରଫିଟା, ୪ଟା ୫୫ରେ ମଙ୍ଗଳ ଆଳତି, ୫ଟାରେ ସୂର୍ଯ୍ୟପୂଜା, ୫ଟା ୧୫ରେ ଦ୍ୱାରପାଳ ପୂଜା, ୫ଟା ୨୫ରେ ମହାପ୍ରଭୁଙ୍କ ଶ୍ରୀମନ୍ଦିରକୁ ନେତ, ୬ଟା ୧ରେ ରତ୍ନସିଂହାସନରୁ ଚକାଛଡ଼ା, ୬ଟା ୩୦ରେ ସେନାପଟା ଲାଗି, ୮ଟା ୫ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନବେଦିକୁ ପହଣ୍ଡି ବିଜେ, ୯ଟା ୫ରେ ସ୍ନାନ ବେଦିରେ ଆଳତି, ୯ଟା ୨୦ରେ ଅଧରପୋଛା, ୯ଟା ୨୫ରେ ସ୍ନାନଜଳ ଅଧିବାସ, ୯ଟା ୪୫ରେ ମହାପ୍ରଭୁଙ୍କ ସ୍ନାନ, ୧୦ଟା ୩୦ରେ ଛେରାପହଁରା, ୧୧ଟାରେ ଉପଚାର ପୂଜା, ୧୧ଟା ୪୫ରେ ସର୍ବସାଧାରଣଙ୍କ ଭୋଗ, ଅପରାହ୍ନ ୧୨ଟା ୩୦ରେ ଠାକୁରଙ୍କ ମଧ୍ୟାହ୍ନ ଧୂପ, ୧ଟା ୧୦ରେ ସ୍ନାନ ବେଦିରେ ପହୁଡ଼, ସନ୍ଧ୍ୟା ସାଢ଼େ ୬ରେ ସ୍ନାନ ବେଦିରେ ଗଜାନନ ବେଶ ଦର୍ଶନ, ୭ଟାରେ ମହାପ୍ରଭୁଙ୍କ ଆଳତି, ରାତି ୧୧ଟାରେ ଠାକୁରଙ୍କ ରାତ୍ର ଧୂପ ଓ ୧୧ଟା ୨୫ରେ ଠାକୁରଙ୍କ ଅନବସର ଘରକୁ ବିଜେ କରାଯିବ ବୋଲି ସମୟ ନିର୍ଘଣ୍ଟ କରାଯାଇଛି। ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବା ସହ ଏ ସମସ୍ତ ନୀତିକାନ୍ତି ଶୃଙ୍ଖଳାରେ ସମାପନ ନିମନ୍ତେ ଟ୍ରଷ୍ଟ ସଭାପତି ଦ୍ୱିବେଦୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ମିତ୍ରଭାନୁ ପଣ୍ଡା, ସୁଶାନ୍ତ ତ୍ରିପାଠୀ, ସୁଧୀର ସୁନ୍ଦରରାୟ, ପ୍ରଭୁପ୍ରସାଦ ସାହୁ, ରଜତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସେବାୟତ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ଗୋକୁଳାନନ୍ଦ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନ୍ମଥ ଖଣ୍ଡୁଆଳ, ଶ୍ରୀଧର ବାରିକ, ବିଜୟ କୁମାର ନାୟକ, ଲକ୍ଷ୍ମୀଧର ପାଢ଼ୀ, ନିର୍ମଳ ଜେନା, ସୁବାସ ପାଣିଗ୍ରାହୀ, ଭାଗୀରାଓ ଦୋରା, ଅର୍ଜୁନ ଭୂୟାଁ, ବାଳକୃଷ୍ଣ ପାଣିଗ୍ରାହୀ, ବଂଶୀଧର ସିଓ, ପାଣ୍ଡବ ଚରଣ ସ୍ୱାଇଁ, ଧୀରେନ ବେହେରା, ସୁଦର୍ଶନ ତ୍ରିପାଠୀଙ୍କ ସମେତ ଷ୍ଟିଅରିଂ କମିଟି ପକ୍ଷରୁ ବିକାଶ ଚୌଧୁରୀ ଓ ସଞ୍ଜୀବ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲା ବିଧାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ଦିଲ୍ଲୀପ ରାୟ

**କଟକ, ୨୧।୬(ସମିସ):** ରାଉରକେଲାର ନବନିର୍ବାଚିତ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ପୁଣି ଏକ ମାମଲା ପହଞ୍ଚିଛି। ୨୦୨୪ ନିର୍ବାଚନରେ ସାରଦାଙ୍କ ଠାରୁ ପରାଜିତ ହୋଇଥିବା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଦିଲ୍ଲୀପ ରାୟଙ୍କ ପକ୍ଷରୁ ଏହି ନିର୍ବାଚନୀ ମୋକଦ୍ଦମା ହାଇକୋର୍ଟରେ ଦାୟର କରାଯାଇଛି। ଶ୍ରୀ ନାୟକ ତାଙ୍କର ଅସ୍ଥାବର ସଂପତ୍ତି ଓ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ଅଭିଯୋଗ କରି ଏହି ମାମଲା ରୁଜୁ କରିଛନ୍ତି। ସତ୍ୟପାଠରେ ଅସଂପୂର୍ଣ୍ଣ ତଥା ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଦର୍ଶାଯାଇଛି। ପ୍ରକାଶଥାଉକି ପୂର୍ବରୁ ରାଉରକେଲା ନିବାସୀ ରାଜ କୁମାର ଯାଦବଙ୍କ ତରଫରୁ ମଧ୍ୟ ଅନୁରୂପ ଏକ ନିର୍ବାଚନୀ ମାମଲା ଦାୟର କରାଯାଇଥିଲା। ସୂଚନାଯୋଗ୍ୟ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ମୋଟ ୬୪୬୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟ ୬୧୧୦୮ ଖଣ୍ଡ ଭୋଟ ପାଇଥିଲେ।

## ବିକାଶମୂଳକ କାର୍ଯ୍ୟ ନେଇ ଜିଲ୍ଲାପାଳଙ୍କ ସହ ବିଧାୟକଙ୍କ ଆଲୋଚନା



**ସୁନ୍ଦରଗଡ଼, ୨୧।୬(ସମିସ):** ଓଡ଼ିଶା ବିଧାନସଭାରେ ବିଧାୟକ ଭାବେ ଶପଥ ଗ୍ରହଣ କରି ସୁନ୍ଦରଗଡ଼ ଫେରିବା ପରେ ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂହ ଶୁକ୍ରବାର ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କୁ ଭେଟି ନିର୍ବାଚନ ମଣ୍ଡଳିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସୁନ୍ଦରଗଡ଼ର ଜନସାଧାରଣ ଏବଂ ରୋଗୀଙ୍କ ସୁବିଧା ତଥା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଉଚ୍ଚ ଚିକିତ୍ସା ପାଇଁ ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସକୁ ବିନା ଗହଳିରେ ଆସିବା ପାଇଁ ଡାକ୍ତରଖାନା ଛକରେ ଥିବା ଦୋକାନ ଘରଗୁଡ଼ିକ ଭଙ୍ଗାଯାଇ ରାସ୍ତା ପ୍ରଶସ୍ତୀକରଣ କରାଯାଇଛି। ମାତ୍ର ରାସ୍ତା ମଝିରେ ଡିଭାଇଡର ନ ଥିବାରୁ ଲୋକେ ରାସ୍ତା ଉପରେ ଗାଡ଼ି ରଖି ଭିଡ଼ ଜମାଉଥିବାରୁ ଆମ୍ବୁଲାନ୍ସଗୁଡ଼ିକ ଫସି ରହୁଛି। ଫଳରେ ଡାକ୍ତରଖାନା ପହଞ୍ଚିବା ବିଳମ୍ବ ହେଉଛି। ତେଣୁ ଡାକ୍ତରଖାନା ଛକରୁ ମିଶନ ଛକ ଯାଏ ରାସ୍ତା ମଝିରେ ତୁରନ୍ତ ଡିଭାଇଡର ନିର୍ମାଣ କରି ଆଲୋକୀକରଣ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି ବିଧାୟକ। ଏହାସହ ବିଭିନ୍ନ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ଉପସଭାପତି ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ ଜିଲ୍ଲାପାଳ ନବନିର୍ବାଚିତ ବିଧାୟକ ସିଂଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ରାଉରକେଲାରେ ବିଶ୍ୱ ସଙ୍ଗୀତ ଦିବସ ପାଳିତ



**ରାଉରକେଲା, ୨୧।୬(ସମିସ):** ଶ୍ରୀ ଶ୍ରୀ ଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଛି। ପ୍ରାରମ୍ଭରେ ଟ୍ରଷ୍ଟି ବ୍ରଜେନ୍ଦ୍ର ଦାଶ ଉତ୍ସବର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଇଂ ଆଲୋକ ରଞ୍ଜନ ମଲ୍ଲିକ ମାନବ ସଭ୍ୟତାର ଅଗ୍ରଗତି ସହିତ ସଙ୍ଗୀତ ତା'ର ପ୍ରାସଙ୍ଗିକତା ପ୍ରତିପାଦନ କରିଛି ବୋଲି କହିଥିଲେ। ଏହି ଅବସରରେ ଏକ ମନୋଜ୍ଞ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ଅରବିନ୍ଦ ସାହୁ, ସ୍ୱୟଂଶୁଭମ ସାହୁ, ବିବେକାନନ୍ଦ ପଣ୍ଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ ସହଯୋଗ କରିଥିଲେ। କଳାକାର ସ୍ମିତା ମିଶ୍ର, ଶ୍ରଦ୍ଧାଶ୍ରୀ ପାତ୍ର, ତ୍ରିଲୋଚନ ମହାରଣା, ନିବେଦିତା ସ୍ୱାଇଁ, ତପସ୍ୱିନୀ ପତି ଏବଂ ଶକୁନ୍ତଳା ସ୍ୱାଇଁ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ଶିକ୍ଷାବିତ୍ ଡ. ସନାତନ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଟ୍ରଷ୍ଟି ବିନୟ ମହାନ୍ତି, ମନୋଜ କୁମାର ପଣ୍ଡା, ଅମୂଲ୍ୟ ମିଶ୍ର, କନକଲତା ମିଶ୍ର, ଜଗନ୍ନାଥ ରାଉତ ଏବଂ ସସ୍ମିତା ପ୍ରଧାନଙ୍କ ସମେତ ସହରର ବହୁ ଶ୍ରଦ୍ଧାଳୁ ଭଜନ ସନ୍ଧ୍ୟାରେ ଉପସ୍ଥିତ ରହି ଆନନ୍ଦ ନେଇଥିଲେ। ବିଭୁ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ ଓ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କ ସହ ବିଧାୟକଙ୍କ ଆଲୋଚନା



**ରାଉଲକେଲା, ୨୧।୬(ସମିସ):** ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଶୁକ୍ରବାର ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍) ପରିଦର୍ଶନ କରି ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ଭେଟିବା ସହ ସେମାନଙ୍କ ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରଚଣ୍ଡ ରୌଦ୍ରତାପରେ ଆବଶ୍ୟକ କୁଲର, ଫ୍ୟାନ ନ ଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଥିବା ଦର୍ଶାଇଥିଲେ। ପରେ ବିଧାୟକ ତନ୍ତୀ ଆର୍‌ଜିଏଚ ନିର୍ଦ୍ଦେଶକଙ୍କୁ ଭେଟି ଆଉଟ୍ ସୋର୍ସି ଦାୟିତ୍ୱରେ ଥିବା ମ୍ୟାନେଜରଙ୍କ ବିରୋଧରେ ଆସୁଥିବା ବିଭିନ୍ନ ଦୁର୍ନୀତି ଅଭିଯୋଗ ଉପରେ ଆଲୋଚନା କରିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ହସ୍ପିଟାଲ ପାଇଁ ଆବଶ୍ୟକ ଡାକ୍ତର, ନର୍ସିଂ କର୍ମଚାରୀ, ଅନ୍ୟ କର୍ମଚାରୀ ଆବଶ୍ୟକତା ଅନୁଯାୟୀ ବର୍ତ୍ତମାନ କେତେ ଅଛନ୍ତି ତା' ଉପରେ ତଥ୍ୟ ଦେବାକୁ କହିଥିଲେ। ନିର୍ଦ୍ଦେଶକ ତଥ୍ୟ ଦେବା ସହ ବିବିଧ ମେଡିକାଲ ଇକ୍ୟୁପମେଣ୍ଟ ଓ ଆବଶ୍ୟକ ଡାକ୍ତର, ନର୍ସିଂ କର୍ମଚାରୀ ନ ଥିବା ଦର୍ଶାଇଥିଲେ। ଜନସଂଖ୍ୟା ତୁଳନାରେ ଶଯ୍ୟା ସଂଖ୍ୟା ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ।

ପରେ ବିଧାୟକ ତନ୍ତୀ ହସ୍ପିଟାଲର ବିବିଧ ସମସ୍ୟା ଉପରେ ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସହିତ ଆଲୋଚନା କରିବା ସହ ଆରଜିଏଚରେ ଚାଲିଥିବା ଦୁର୍ନୀତି ଓ ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥି ସହିତ ତୁମକେଲା, ଲୁହାକେରା, ହମିରପୁର ଆଜିଯାଏ ତ୍ରିଶଙ୍କୁ ଅବସ୍ଥାରେ ଥିବା ଦର୍ଶାଇଥିଲେ। ଏହି ଅଞ୍ଚଳର ରାସ୍ତା, ଡ୍ରେନ, ଷ୍ଟ୍ରିଟ ଲାଇଟ୍ର ସମସ୍ୟାର ସମାଧାନ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ମିଳିତ ଭାବେ କରିଲେ ସମାଧାନ ହୋଇପାରିବ ଓ ସେ ସମସ୍ତ ପ୍ରକାର ସାହାଯ୍ୟ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହ ଜିଲ୍ଲା ବିଜେପି ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ପ୍ରଫୁଲ୍ଲ ମିଶ୍ର, ପଶ୍ଚିମ ମଣ୍ଡଳ ସଭାପତି ସନ୍ତୋଷ ବିରାଟ, ଟିକେଶ୍ୱର ତାଣ୍ଡିଆ, ଅବିନାଶ ସାମଲ, ନିରଞ୍ଜନ ସେନାପତି, ହେମନ୍ତ ଜେନା, କୈଳାସ ତନ୍ତୀ, ଜୟାନନ୍ଦ ବେହେରା, ଉପେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

### ଝରାବାହାଲ ଚର୍ଚ୍ଚରୁ ଡକାୟତି ଘଟଣାକୁ ସପ୍ତାହ ପୂରିଲା: ପୁଲିସ ହାତ ଖାଲି

## କାର୍ଯ୍ୟାନୁଷ୍ଠାନ ପାଇଁ ଡାୟୋସିସ୍ କ୍ୟାଥୋଲିକ୍ ମହିଳା ସଂଗଠନର ଦାବି

**ରାଉରକେଲା, ୨୧।୬(ସମିସ)**




ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସସ୍ଥିତ ଜଡ଼ାକୁଦର ପଞ୍ଚାୟତ ଅରବା ଝରାବାହାଲ ଚର୍ଚ୍ଚରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡକାୟତି ଘଟଣାକୁ ସପ୍ତାହ ପୂରିଛି। ହେଲେ ପୁଲିସ ଆଜିଯାଏଁ କାହାରିକୁ ଗିରଫ କରିବାରେ ସକ୍ଷମ ହୋଇନି। ଏପରିକି ମାମଲାର କୌଣସି ଖିଅ କିମ୍ବା ଅଭିଯୁକ୍ତଙ୍କ ସମ୍ପର୍କରେ ସନ୍ଧାନ ପାଇବାରେ ପୁଲିସ ବିଫଳ ହୋଇଛି। ଦୁର୍ବୃତ୍ତମାନେ ସହରରେ ଅଛନ୍ତି କି ସହର ଛାଡ଼ି ପଳାଇଛନ୍ତି ତାହା ମଧ୍ୟ ଜଣାପଡ଼ି ନାହିଁ। ଏଭଳି ପରିସ୍ଥିତିରେ ପୁଲିସ କେଉଁ ଦିଗରୁ ତଦନ୍ତ ଆରମ୍ଭ କରିବ ତାହାକୁ ନେଇ ଚିନ୍ତା ଘାରୁଥିବା କୁହାଯାଇଛି। ଏ ନେଇ ଶୁକ୍ରବାର ରାଉରକେଲା ଡାୟୋସିସ୍ କ୍ୟାଥୋଲିକ୍ ମହିଳା ସଂଗଠନ ପକ୍ଷରୁ ଏସପି ତଥା ଡିଆଇଜି ବ୍ରିଜେଶ ରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଏହି ଅବସରରେ ସୁଚିତାକାନ୍ତି ତିର୍କୀ, ପୁନମ ଅମିତା କିସପଟ୍ଟା, ଗ୍ରାସି କେରକେଟା, ମାଧୁରୀ ଖେସ, ଅନିତା ସୋରେଙ୍ଗ, ସରୋଜିନୀ ଲାକ୍ରା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଘଟଣାର ତଦନ୍ତ ପାଇଁ ପୁଲିସ ଟିମ୍ ଗଠନ କରାଯାଇଛି। ଯଥାଶୀଘ୍ର ପୁଲିସକୁ ସଫଳତା ମିଳିବ ବୋଲି ଏସପି କହିଥିଲେ।

ସୂଚନାଯୋଗ୍ୟ, ବିରକେରା ଅଞ୍ଚଳରେ ଥିବା ଉକ୍ତ ଚର୍ଚ୍ଚ ଓ ସେଣ୍ଟ ଜନସ ସ୍କୁଲ ପରିସରରେ ୧୦ରୁ ୧୫ ଡକାୟତ ଗତ ୧୪ ତାରିଖ ରାତିରେ ପଶି ସେଠାରେ ଶୋଇଥିବା ଫାଦର ନାରିଏଲ୍ ବିଲୁଙ୍ଗ ଓ ଆଲବେସ ଖାଲଖୋଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଫେରାର ହେବା ପୂର୍ବରୁ ଫାଦରଙ୍କ ମୋବାଇଲକୁ ପାଇଖାନା ନାଳରେ ପକାଇ ଦେଇଥିଲେ। ପ୍ରବଳ ମାଡ଼ ଯୋଗୁଁ ଦୁଇ ଫାଦର ରାତି ସାରା ମୁର୍ମୂଷ ଅବସ୍ଥାରେ ପଡ଼ି ରହିଥିଲେ। ପରଦିନ ସକାଳେ ଅନ୍ୟ ସିଷ୍ଟରମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଅସରାଏ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି



**ବଣାଇଁ, ୨୧।୬(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶୁକ୍ରବାର ମଧ୍ୟାହ୍ନରେ ବଣାଇଁ ଅଞ୍ଚଳରେ ଅସରାଏ ବର୍ଷା ହେଇଥିବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି। ବର୍ଷା ପରେ ଆକାଶରେ ମେଘ ଢାଙ୍କିଥିବାରୁ ପାଗ ଟିକିଏ ଥଣ୍ଡା ରହିଛି। ଦୀର୍ଘଦିନ ଧରି ଗରମ ଓ ଗୁଳୁଗୁଳି ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ପାଗ ପରିବର୍ତ୍ତନ ପରେ ଗରମରୁ ନିସ୍ତାର ମିଳିଛି। ହେଲେ ଚାଷୀକୁ ସୁହାଇଲା ଭଳି ବର୍ଷା ହେଉ ନ ଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବର୍ଷା ଅଭାବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ଜମିରେ ହଳ ହୋଇ ନ ଥିବା ବେଳେ ଲୋକେ ତଳି ମଧ୍ୟ ଭଲ ଭାବେ ପକାଇ ନ ଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ ଚାଷକାର୍ଯ୍ୟ ପାଇଁ ଭଲ ବର୍ଷା ଅପେକ୍ଷାରେ ରହିଛନ୍ତି ଅଞ୍ଚଳର ଚାଷୀ।

# ଜିଲ୍ଲାବ୍ୟାପୀ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ସୁନ୍ଦରଗଡ଼, ୨୧।୬(ସମିସ)

ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ହେଉଛି ଯୋଗର ମୂଳ ଲକ୍ଷ୍ୟ। ସୁସ୍ଥ ଓ ନିରାମୟ ଜୀବନଯାପନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ରୂପେ ଉଭା ହୋଇଛି। ଏଣୁ ସମଗ୍ର ବିଶ୍ୱରେ ମିଳିତ ଜାତିସଂଘର ଅନୁମୋଦନ କ୍ରମେ ୨୦୧୫ ଜୁନ ୨୧ରୁ ଯୋଗ ଦିବସ ପାଳନ କରାଯାଇ ଆସୁଛି। ଚଳିତବର୍ଷ ଯୋଗ ଦିବସ ପାଳନକୁ ବ୍ୟାପକ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଶୁକ୍ରବାର ସୁନ୍ଦରଗଡ଼ ଜିଲ୍ଲାର କୋଣ ଅନୁକୋଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି।

## ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ଯୋଗ ଦିବସ





ସ୍ଥାନୀୟ ଭବାନୀ ଭବନ ଖେଳପଡ଼ିଆରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଯୋଗଗୁରୁ ତଥା ପ୍ରଶିକ୍ଷକମାନେ ବିଭିନ୍ନ ଯୋଗାସନ ସମ୍ପର୍କରେ ଅବଗତ କରାଇବା ସହ ସେହି ଆସନଗୁଡ଼ିକର ବିଭିନ୍ନ ରୋଗ ଆଦିର ପ୍ରଭାବ ସମ୍ପର୍କରେ ବୁଝାଇଥିଲେ। ସେହିପରି ଅତିଥିମାନେ ମନୁଷ୍ୟ ଜୀବନରେ ଯୋଗ, ପ୍ରାଣାୟମ ଆଦିର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗାଭ୍ୟାସ ଶରୀରର ସୁସ୍ଥତା ବଜାୟ ରଖିବା ସହ ମାନସିକ ସୁସ୍ଥତା ତଥା ଏକାଗ୍ରତା ମଧ୍ୟ ବଢ଼ାଇବାରେ ସହାୟକ ହୋଇଥାଏ। ପ୍ରତ୍ୟେକେ ନିୟମିତ ଯୋଗାଭ୍ୟାସ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲ୍ଲାପାଳ ଡା. ପରାଗ ଗଭାଲି, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ଡିଏମଏଫ୍ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱକେଶନ ପାଣ୍ଡେଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ଜନସାଧାରଣ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ନିୟମିତ ଯୋଗାଭ୍ୟାସ କରିବା ନିମନ୍ତେ ଶପଥପାଠ କରାଯାଇଥିଲା। ଯୋଗଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ



ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଯୁବ ରେଡକ୍ରସ୍ ସଂସ୍ଥା, ଜାତୀୟ ଆୟୁଷ ମିଶନ ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଂଯୋଜକଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଆୟୁଷ ଚିକିତ୍ସା ଅଧିକାରୀ ଡା. ଅନନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ଶିଶୁ ବିଭାଗ ଡା. ଶୁଭକାନ୍ତ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିଗଦର୍ଶନ ଦେଇଥିଲେ। ଯୋଗ ପ୍ରଶିକ୍ଷିକା ଇନ୍ଦିରା ନାଏକ ଯୋଗ ଓ ପ୍ରାଣାୟାମ ସମ୍ବନ୍ଧରେ ଜ୍ଞାନ ଏବଂ ବିଭିନ୍ନ ଆସନକୁ ସୁଚାରୁରୂପେ କରି ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ କରାଇଥିଲେ। ଛାତ୍ରଛାତ୍ରୀମାନେ ଓଡ଼ିଆ ବକ୍ତୃତା, ଯୋଗ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତାରେ ସଂଘମିତ୍ରା କୁଣ୍ଡୁ ପ୍ରଥମ, ରୋଶନୀ ସାହୁ ଦ୍ୱିତୀୟ, ପ୍ରୀତି ଟପୋ ତୃତୀୟ ହୋଇଥିଲେ। ଯୋଗ ପ୍ରତିଯୋଗିତାରେ ସିମି ରାଉତ ପ୍ରଥମ, ଅଦିତୀ ଅନ୍ୱେଷା ଏକ୍କା ଦ୍ୱିତୀୟ ଓ ପ୍ରତି ଟପ୍ପୋ ତୃତୀୟ ହୋଇଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ମାଶ୍ରିତା ପଣ୍ଡା ପ୍ରଥମ, ସିମି ରାଉତ ଦ୍ୱିତୀୟ ଓ ପ୍ରୀତି ଟପୋ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଏବଂ ଯୁବ ରେଡକ୍ରସ୍ ସଂଯୋଜକ ଚିତ୍ତରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୨୦୦ରୁ ଅଧିକ ଛାତ୍ରୀ ଯୋଗଦେଇଥିଲେ।

## ଏନ୍‌ସିସି ଶିକ୍ଷାର୍ଥୀ



ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି ଶିକ୍ଷାର୍ଥୀଙ୍କ ପକ୍ଷରୁ ସୁନ୍ଦରଗଡ଼ ସାଧବୀ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଅବସରପ୍ରାପ୍ତ ଏନସିସି ଅଧିକାରୀ ସୁଧାଂଶୁ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଯୋଗ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ପାଇଁ ଯୋଗକୁ ଜୀବନର ଅଭ୍ୟାସ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାତ୍ରିକା ଲାକ୍ରା ଯୋଗଦେଇ ଯୋଗ ପ୍ରତି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ସାଧବୀ ମେରୀ ଉଚ୍ଚ ବିଦ୍ୟାଳୟ, ଉଜ୍ଜ୍ୱଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଲହଣ୍ଡାବୁଡ଼ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟର ୧୪୨ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ୟାଡେଟ ମନୋରମା ପଣ୍ଡା ଓ ରାଣୀ ପଶାୟତ ୪୫ ମିନିଟ ଧରି ଯୋଗାଭ୍ୟାସ କରାଇଥିଲେ। ଶେଷରେ ଶିକ୍ଷାର୍ଥୀମାନେ ଶପଥପାଠ କରିଥିଲେ। ଏନସିସି ଅଧିକାରୀ ସ୍ୱାଗତିକା ପଣ୍ଡା, ବିକାଶ ଦାସ, ଜଗନ୍ନାଥ ବାଘ, ଝରଣା ତନ୍ତୀ ଓ ବରିଷ୍ଠ କ୍ୟାଡେଟ ସୌମ୍ୟରଞ୍ଜନ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ରାଉରକେଲା ନବମ ଏନସିସି ବାଟାଲିୟନର କମାଣ୍ଡିଂ ଅଫିସର ଏନ୍‌କେ କୁଲକର୍ଣ୍ଣି, ସୁବେଦାର ସୁମଦେବ ବିକାଶ ଓ ହାବିଲଦାର ତୋରାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

## ସୁନ୍ଦରଗଡ଼ ପବ୍ଲିକ୍ ସ୍କୁଲ

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷା ହରିପ୍ରିୟା ପଟେଲ ଛାତ୍ରଛାତ୍ରୀଙ୍କୁ ଯୋଗ ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ଆମ ଦୈନନ୍ଦିନ ଜୀବନରେ ଯୋଗର ମହତ୍ତ୍ୱ ଏବଂ ଯୋଗ ସମସ୍ତଙ୍କ ପାଇଁ ଓ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ଅଶୋକ ପରିଡ଼ା ଓ ସନ୍ତୋଷ ମହନ୍ତ ପିଲାମାନଙ୍କୁ ବିଭିନ୍ନ ଯୋଗ, ଆସନ ଶିଖାଇଥିଲେ। ଏକା ସାଙ୍ଗରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ କରିଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ବିଦ୍ୟାଳୟ ତରଫରୁ କୁଇଜ୍ ଏବଂ ନିବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ, ଦେବାଶିଷ ଦାସ, ପ୍ରିୟଙ୍କା ଜେନା, ମାଇକେଲ ଖାଲକୋ, ସସ୍ମିତା ସାହୁ, ରଞ୍ଜନ ମହାପାତ୍ର, ସୂର୍ଯ୍ୟକାନ୍ତି ନାୟକ, ରାଜଲକ୍ଷ୍ମୀ ନାୟକ, ଦୋଳମଣି ଦେବତା ପ୍ରମୁଖ ସହଯୋଗ କରିଥିଲେ।



## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପତଞ୍ଜଳି ଯୋଗ ସମିତିର ଯୋଗ ପ୍ରଶିକ୍ଷକ ଶଙ୍କର ଅଗ୍ରୱାଲ ଏବଂ ଭାରତୀ ବର୍ମା ଯୋଗଦେଇ ଯୋଗଶିକ୍ଷା ଦେଇଥିଲେ। ପ୍ରାର୍ଥନା, ଯୋଗ ଅଧିବେଶନ, ପ୍ରାଣାୟାମ, ଶାନ୍ତିମନ୍ତ୍ର ଏବଂ ଶପଥପାଠ ଆଦି କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପଟେଲ ଅଧ୍ୟକ୍ଷତା କରି ଦିବସ ପାଳନର ତାତ୍ପର୍ଯ୍ୟ, ଆଧୁନିକ ଜୀବନଶୈଳୀରେ ଯୋଗର ଉପଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ, ଡ. କୁଳମଣି ବେହେରା, ବରିଷ୍ଠ ଅଧ୍ୟାପକ ନିକୁଞ୍ଜ କିଶୋର ସେଠୀ, ସହକାରୀ ପ୍ରଫେସର ଡ. ବିନୋଦ ବିହାରୀ ମଲ୍ଲିକ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ପ୍ରଫେସର ନୂତନ ଖମାରୀ ଏହାକୁ ସଂଯୋଜନା କରିଥିଲେ।

## ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଟାଙ୍ଗରପାଲି ବ୍ଲକ ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବିଭାଗ ପ୍ରୟୋଜିତ ତଥା ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ରାଜ୍ୟ ଉଚ୍ଚତର ଶିକ୍ଷା ନିର୍ଦ୍ଦେଶାଳୟ ପରିଚାଳିତ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ଯୋଗର ଇତିହାସ, ଦୈନନ୍ଦିନ ଜୀବନରେ ଏହାର ପ୍ରାସଙ୍ଗିକତା ତଥା ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପତଞ୍ଜଳି ଯୋଗ ସମିତି ସୁନ୍ଦରଗଡ଼ ଶାଖାର ଯୋଗ ପ୍ରଶିକ୍ଷିକା ବାସନ୍ତୀ ପଟେଲ ଏବଂ ଯୋଗନ୍ଧରା ନାଏକ ଯୋଗଦେଇ ଶରୀର, ମନ ଓ ଆତ୍ମାର ସମନ୍ୱୟ ଦ୍ୱାରା ସମସ୍ତ ଅସାଧ କାର୍ଯ୍ୟ ସଫଳ ହୋଇପାରିବ ବୋଲି କହିଥିଲେ। ଏହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ସର୍ବଦା ତତ୍ପର ହେବେ ବୋଲି ମତବ୍ୟକ୍ତ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଝରଣା ଆଚାର୍ଯ୍ୟ ଓ ଯୁବ ରେଡକ୍ରସ୍ ଉପଦେଷ୍ଟା ଅରୁଣ କୁମାର ଦାଶଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା।

## ବାଲିଶଙ୍କରା ବ୍ଲକ୍

**ବାଲିଶଙ୍କରା, ୨୧।୬(ସମିସ):** ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସମ୍ମାନିତ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଯୋଗଦେଇଥିଲେ। ତାପସ ପଟ୍ଟନାୟକ, ସୁନୀଲ ପଟେଲ, ଜୟରାମ ପଧାନ, ଅରୁଣ ପଟେଲଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ମହିଳାମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।



## ଇଲା ମେମୋରିଆଲ ପଞ୍ଚାୟତ ସମିତି କଲେଜ

ଇଲା ମେମୋରିଆଲ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଖେଳ ଶିକ୍ଷକ ଆଦିତ୍ୟ କୁମାର ନାଏକଙ୍କ ତତ୍ତ୍ୱାବଧାନ ଛାତ୍ରଛାତ୍ରୀମାନେ ଯୋଗାସନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ



କୁମାର ଚୌଧୁରୀ ପିଲାମାନଙ୍କୁ ଯୋଗାସନର ଉପଯୋଗିତା ତଥା ଜୀବନକୁ ସରସସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ଧ୍ୟାନ ଓ ଯୋଗର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଦତ୍ତ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ହେମରାମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର



ସୁନ୍ଦରଗଡ଼ ଲୁହୁରାଡିପାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଡିପିଏଚଓ ଡା. ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏପିଏମ୍ ସତ୍ୟବ୍ରତ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀ, ଆଭା ବୃଦ୍ଧାଶ୍ରମ ଅନ୍ତେବାସୀ ଯୋଗଦେଇଥିଲେ। ଆଭା ସଂସ୍ଥାର ସମର ବିଳାସ ପରିଡ଼ା, ମହେନ୍ଦ୍ର ସ୍ୱାଇଁ ଓ ଅଶ୍ୱିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏମ୍‌ସିଏଲ୍ ବସୁନ୍ଧରା ଡିଏଭି ପବ୍ଲିକ୍ ସ୍କୁଲ



**ହେମଗିରି, ୨୧।୬(ସମିସ):** ହେମଗିରି ବ୍ଲକ ଏମସିଏଲ ବସୁନ୍ଧରା ଡିଏଭି ପବ୍ଲିକ ସ୍କୁଲରେ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ନେଇ ଯୋଗ ଦିବସ ପାଳିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ଆର୍‌କେ ବେଦବାକଙ୍କ ତତ୍ତ୍ୱାବଧାନ ଓ ଯୋଗ ପ୍ରଶିକ୍ଷିକା ସୁକାନ୍ତି ନାଏକଙ୍କ ମାର୍ଗଦର୍ଶନରେ ମେଘଦୂତ ସଭାଗୃହରେ ଯୋଗାଭ୍ୟାସ ହୋଇଥିଲା। ପ୍ରାରମ୍ଭରେ ଯୋଗ ପ୍ରାର୍ଥନା ପୂର୍ବକ ତିନି ପର୍ଯ୍ୟାୟରେ ଯୋଗ ପ୍ରାଣାୟାମ କରାଯାଇଥିଲା। ନିରୋଗ ଜୀବନଯାପନ ପାଇଁ ଯୋଗର ମହତ୍ତ୍ୱ ଉପରେ ସ୍କୁଲ ଅଧ୍ୟକ୍ଷ ଆଲୋକପାତ କରିଥିଲେ। ଆଜିର ବ୍ୟସ୍ତବହୁଳ ଜୀବନରୁ ପ୍ରତ୍ୟେକ ଦିନ କିଛି ସମୟ ବାହାର କରି ଯୋଗାଭ୍ୟାସ କଲେ ଆଜି ଦିବସର ମହତ୍ତ୍ୱ ପ୍ରତିପାଦିତ ହୋଇପାରିବ ବୋଲି ସେ କହିଥିଲେ।

## ହେମଗିରି ବ୍ଲକ୍



**ହେମଗିରି, ୨୧।୬(ସମିସ):** ହେମଗିରି ଫୁଟବଲ୍ ପଡ଼ିଆରେ ହେମଗିରି ବ୍ଲକ ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାଙ୍କ ଅଧ୍ୟକ୍ଷତା ତଥା ବିଡିଓ ବିଶ୍ୱନାଥ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ମହିମା ସେଠ, ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତି, ଏଇଇ ଚିନ୍ମୟ ମିଶ୍ର, ଯଦୁମଣି ଦାସ, ଏବିଇଓ କପିଳ ଚନ୍ଦ୍ର ଦାସ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସୁରେନ୍ଦ୍ର ପଶାୟତ, ପ୍ରାଣୀ ଚିକିତ୍ସକ ସୁଶ୍ରୀ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଆଙ୍ଗନବାଡ଼ି କର୍ମୀ, ଆଶା କର୍ମୀଙ୍କ ସମେତ ବିଭିନ୍ନ ଏସଏଚ୍‌ଜି ମହିଳା, ଛାତ୍ରଛାତ୍ରୀ ତଥା ଜନସାଧାରଣ ଏଥିରେ ଅଂଶଗ୍ରହଣ କରି ଯୋଗ ପ୍ରଶିକ୍ଷଣ ନେଇଥିଲେ। ଯୋଗ ପ୍ରଶିକ୍ଷକ ରୂପେନ୍ଦ୍ର ବାଗ ଏବଂ ସହଯୋଗୀ ଯୋଗ ପ୍ରାଣାୟାମ ସମେତ ବ୍ୟାୟାମ ପ୍ରଶିକ୍ଷଣ ଦେଇଥିଲେ। ସଙ୍ଗୀତା ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## କୁତ୍ରା ବ୍ଲକ୍ ଅଞ୍ଚଳ





**କୁତ୍ରା, ୨୧।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ତଥା ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଖେଳ ପ୍ରଶିକ୍ଷକ ଗଣେଶ ମହାକୁଳ ଯୋଗ, ପ୍ରାଣାୟାମ ଶିଖାଇବା ସହ ତା'ର ଉପକାରିତା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଝାରବେଡ଼ା ସରପଞ୍ଚ ଭିକ୍ଟୋରିଆ ଯୋଯୋ ଯୋଗଦେଇଥିଲେ। ସେହିପରି ତୁନମୁରାସ୍ଥିତ ସାର୍ଗୁ କିଶାନ ବିଦ୍ୟାଳୟରେ ଯୋଗାଭ୍ୟାସ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଯୋଗାଭ୍ୟାସ କରାଯିବା ସହ ସୁସ୍ଥ ଶରୀର ପାଇଁ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ତୁନମୁରା ସରପଞ୍ଚ ତରଣୀସେନ ବରିହା, ସମ୍ମାନିତ ଅତିଥି ଭାବେ ଅଭିରାମ ମାଝୀ ଓ ରାଜେଶ ସାହୁ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ସମସ୍ତଙ୍କୁ ଶପଥପାଠ କରାଇ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବା ପାଇଁ ଉପଦେଶ ଦେଇଥିଲେ। ଖେଳ ଶିକ୍ଷକ ଉମାଶଙ୍କର ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ଶିକ୍ଷକ ଶ୍ରୀକାନ୍ତ ବାଗ, ରିଙ୍କୁ ଭୋଇ, କିରନ ଏକ୍କା, ମନଭାଙ୍ଗି ନାଏକ, ସୁମିତ୍ରା ବାର୍ଲା, ରମେଶ ଲାକ୍ରା, ତୁଷାର ତାଣ୍ଡି, ଦ୍ରୌପଦୀ ସାହୁ, ରଶ୍ମି ମିଞ୍ଜ, ପୁଲିନ୍ଦ୍ର ଦେଉରିଆ, ଅଞ୍ଜଳି ତିଗ୍ଗା, ମାରସିଆ ପେଟେ, ରୋମାଞ୍ଚ ତାଣ୍ଡିଆ ଓ ଜର୍ଜ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

# ସରିଲା ଧାନକିଣା, ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନ

ଭବାନୀପାଟଣା, ୨୧।୬ (ସମିସ)



କଳାହାଣ୍ଡି ଜିଲ୍ଲାରେ ରବିଧାନ କିଣା ଶେଷ ହେଉଛି। ତେବେ ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୃଷି ବିଭାଗ ତଥ୍ୟ ଅନୁସାରେ, ଚଳିତବର୍ଷ ଜିଲ୍ଲାର ୫୧, ୮୭୩ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ନାମ ପଞ୍ଜିକୃତ ହୋଇଥିଲେ। ଜିଲ୍ଲାର ୬୭ ମିଲର୍‌ଙ୍କ ଦ୍ୱାରା ୧୫୪ଟି ମଣ୍ଡିରୁ ପ୍ରାୟ ୨୯ ଲକ୍ଷ ୮୭ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସୋମବାର ସୁଦ୍ଧା ଜିଲ୍ଲାରେ ମୋଟ ୨୬ ଲକ୍ଷ ୧୧ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହେଇଥିବା ଜଣାପଡ଼ିଛି। ଜିଲ୍ଲାରେ ରବି ଧାନ ଭଲ ଭାବେ ଉତ୍ପାଦନ ହୋଇନାହିଁ। ଜାଙ୍ଗିରୁ ଜୟପାଟଣା ଓ କୋକସରାରୁ ଜୁନାଗଡ଼ ସବୁ ଅଞ୍ଚଳରେ ବହୁ ପରିମାଣରେ ଧାନ କେଣ୍ଡାରେ ଫଳ ଧରିବା ବଦଳରେ ପୋଲ ବାହାରିଥିଲା। ଏଥିପାଇଁ ପ୍ରଚଣ୍ଡ ଖରା ତଥା ଅଦଳବଦଳ ଜଳସେଚନକୁ କୃଷି ବିଜ୍ଞାନୀମାନେ ଦାୟୀ କରୁଛନ୍ତି। ଇନ୍ଦ୍ରାବତୀ ଜଳଭଣ୍ଡାରରେ ପାଣି କମ ଥିବାରୁ ଉଭୟ ବାମ ଓ ଦକ୍ଷିଣ କେନାଲରେ ପାଳି କରି ଜଳସେଚନ ଯୋଗାଇ ଦିଆଯାଇଥିଲା। ତେବେ ଧାନ କେଣ୍ଡା ଫଳ ଧରିବା ସମୟରେ ପ୍ରବଳ ଖରା ଓ ଆବଶ୍ୟକ ଅନୁଯାୟୀ ଜମିରେ ପାଣି ଅଭାବ ତଥା ରୋଗପୋକ ଯୋଗୁଁ ବ୍ୟାପକ ପରିମାଣରେ ଧାନ ପୋଲ ହୋଇଥିଲା। ବିଶେଷକରି ଇନ୍ଦ୍ରାବତୀ ଜଳସେଚନ ଅଞ୍ଚଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏଣୁ ଚାଷୀ ପୂର୍ବାପେକ୍ଷା ରବିଧାନ କମ ଅମଳ କରିଛନ୍ତି। ଅଥଚ ଯୋଗାଣ ବିଭାଗର ତଥ୍ୟ ଅନୁଯାୟୀ, ଜିଲ୍ଲାରେ ଚଳିତ ବର୍ଷ ରବିଧାନ ସଂଗ୍ରହ ପ୍ରାୟ ୯୦ ପ୍ରତିଶତରେ ପହଞ୍ଚିଛି। ଧାନ ଉତ୍ପାଦନ କମିଥିବା ବେଳେ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ୯୦ ପ୍ରତିଶତକୁ ଛୁଇଁବା ଘଟଣା ଚାଷୀ ମହଲକୁ ଆନ୍ଦୋଳିତ କରୁଛି। ଏଣୁ କୃଷି ବିଭାଗ ଓ ଯୋଗାଣ ବିଭାଗର ତଥ୍ୟ ଆଧାରରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚାଷୀ ମହଲରେ ଦାବି ହେଉଛି।

# ମଣ୍ଡି ବନ୍ଦ ହେବା ପରେ ବି ମିଲ୍ ଭିତରକୁ ଯାଉଛି ଧାନ

**କଲମପୁର, ୨୧।୬ (ସମିସ):** କଲମପୁର ବ୍ଲକ ବାବୁ କେନ୍ଦୁଗୁଡ଼ାସ୍ଥିତ ଶ୍ରୀକ୍ରିଷ୍ଣା ରାଇସ ମିଲ ଉପରେ ବିଭିନ୍ନ ପ୍ରକାରର ଅଭିଯୋଗ ଫର୍ଦ୍ଦ ଯୋଡ଼ି ହେବାରେ ଲାଗିଛି। ବେଆଇନ ଧାନ ସଂଗ୍ରହ କରୁଥିବା ଅଭିଯୋଗ ପରେ ବି ପ୍ରଶାସନ ଚୁପ୍ କାହିଁକି ବୋଲି ପ୍ରଶ୍ନ ହୋଇଛି। ମଣ୍ଡିସବୁ ୬ ଦିନ ହେଲା ବନ୍ଦ ହେବା ପରେ ମଧ୍ୟ ମିଲ ଭିତରକୁ ଧାନ ପ୍ରବେଶ କରିବାରେ ଲାଗିଛି। ମୁଖ୍ୟରାସ୍ତା ଉପରେ ଏହି ମିଲ ରହିଥିବା ବେଳେ ଜନବସତି ମଧ୍ୟରେ ରହିଥିବାରୁ ସେଠାରୁ ନିଷ୍କାସିତ ବର୍ଜ୍ୟବସ୍ତୁ ଓ ବାୟୁ ପ୍ରଦୂଷଣ ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଛନ୍ତି। ମିଲ ସମ୍ମୁଖରେ ବର୍ତ୍ତମାନ ମଧ୍ୟ ଶିଶୁଙ୍କ ପାଇଁ ଛତୁଆ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଶ୍ନ ଉଠେ ଯେ ଏହି ମିଲକୁ ନେଇ ସ୍ଥାନୀୟ ଅଧିବାସୀ କ୍ଷତିଗ୍ରସ୍ତ କାହିଁକି ?



ସେପଟେ ଚାଷୀଙ୍କ କହିବାନୁସାରେ, ଧାନ ଅମଳ ନ ହେଉଣୁ ଏହି ମିଲ କମ ମୂଲ୍ୟରେ ଧାନ ସଂଗ୍ରହ କରି ଆସୁଥିବା ବେଳେ ପରବର୍ତ୍ତୀ ସମୟରେ କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କୁ ହାତବାରିସି କରି କାଗଜପତ୍ର ବେନିୟମ କାରବାର କରିବା ସହ ଟ୍ରାକ୍ଟର, ପିକଅପ ଓ ୪୦୭ ଭଳି ଗାଡିରେ ଏହି ବ୍ୟବସାୟ କରୁଥିବା ଏବଂ ପରବର୍ତ୍ତୀ ସମୟରେ ତାହା ଟ୍ରକରେ ନିଆଗଲା ବୋଲି ଦର୍ଶାଯାଏ। ବିଭାଗୀୟ ଅଧିକାରୀମାନେ ମିଲକୁ ଯାଞ୍ଚ କରିଥିବା କେବେବି ଦେଖିବାକୁ ମିଳେନାହିଁ, ଯଦିଓ କାଁ ଭାଁ ଅଧିକାରୀ ଆସି ମିଲକୁ ଯାଞ୍ଚ କରନ୍ତି ତାହା ଜଣାପଡେନାହିଁ। କିଛି ମୁଷ୍ଟିମେୟ ଚାଷୀଙ୍କ ଧାନ ମଣ୍ଡିକୁ ଆସେ ନାହିଁ, କିନ୍ତୁ ବିକ୍ରି ହୁଏ କାଗଜପତ୍ରରେ। ଏପର୍ଯ୍ୟନ୍ତ ଏସବୁ ଅନିୟମିତତା ପାଇଁ ତଦନ୍ତ ହେଉ ନଥିବାରୁ ପ୍ରଶାସନର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମୂଷାପାଲି ସ୍କୁଲକୁ ବଦନାମ କରା ନଯାଉ: ପରିଚାଳନା କମିଟି

**କୋକସରା, ୨୧।୬ (ସମିସ):** କୋକସରା ବ୍ଲକର ମୂଷାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ କିଛି ଦିନ ହେବ ଲାଗିରହିଥିବା ଅସନ୍ତୋଷ ବର୍ତ୍ତମାନ ଦୂର ହୋଇଛି। ଗୁରୁବାର ଶିକ୍ଷା ବିଭାଗର ଅଧିକାରୀମାନେ ଏହି ସ୍କୁଲକୁ ଆସି ପର୍ଯ୍ୟବେକ୍ଷଣ କରି ଯିବାପରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକବୃନ୍ଦ, ସ୍ଥାନୀୟ ସରପଞ୍ଚ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଶିକ୍ଷା ବିଭାଗର ଅନୁସନ୍ଧାନ ରିପୋର୍ଟ ମୁତାବକ ଏହି ପ୍ରେସ୍ ମିଟ ହୋଇଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ' ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ସ୍କୁଲର ବିଭିନ୍ନ ଅନିୟମିତତା ସମ୍ବନ୍ଧରେ ନିକଟରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଶିକ୍ଷା ବିଭାଗର ଅଧିକାରୀ ବିଦ୍ୟାଳୟକୁ ଆସି ତଦନ୍ତ କରିଥିଲେ। ତେବେ ସ୍କୁଲ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ଅଧିକାରୀ କହିଥିବା ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପରିଚାଳନା କମିଟି ପକ୍ଷରୁ ସୂଚନା ଦେବାସହ ବିଦ୍ୟାଳୟକୁ ଅଯଥାରେ ବଦନାମ କରା ନଯାଉ ବୋଲି ଏଥିରେ ମତ ପ୍ରକାଶ ପାଇଛି। ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ଇନ୍ଦ୍ରାଣୀ ଗୋପାଳ, ପ୍ରଧାନଶିକ୍ଷକ କୁଞ୍ଜେଶ୍ୱର ପୋଟା, ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ସଦସ୍ୟା ଜାନକୀ ଦୁର୍ଗା, ଦମ୍ବରୁଧର ଗୋପାଳ ସମେତ ଗ୍ରାମବାସୀ ଦୁଷ୍ମନ୍ତ ନାଏକ, ଭୂପେନ୍ଦ୍ର ଗୋପାଳ, ଭିକାରୀ ଦୁର୍ଗା, କହ୍ନେଇ ନାଏକ, ବିରଞ୍ଚି ସୁନାନୀ, ଖରତ ବାଗ, ଧ୍ୱଳେଶ୍ୱର ଗୋପାଳ, ଦୁର୍ବଳ ଦୁର୍ଗା ଉପସ୍ଥିତ ଥିଲେ।

## ନିଶ୍ଚିହ୍ନ ହୋଇଯିବ କି ଦିଆରୀମୁଣ୍ଡା ପୋଖରୀ !



**ନର୍ଲା, ୨୧।୬(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ତୁଳାପଡ଼ା ଶିବ ମନ୍ଦିର ସମ୍ମୁଖ ଭାଗରେ ଥିବା ଦିଆରୀମୁଣ୍ଡା ପୋଖରୀ ଏକ ବିସ୍ତୀର୍ଣ୍ଣ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଏକ ଅଜଣା ଲତା ଉକ୍ତ ପୋଖରୀରେ ରାତାରାତି ବଂଶ ବିସ୍ତାର କରି ସମ୍ପୂର୍ଣ୍ଣ ଜଳାଶୟକୁ ଘୋଡ଼େଇ ରଖିଛି। ଫଳରେ ପୋଖରୀରେ ପାଣି ଦେଖିବାକୁ ମିଳୁନି। ଯେକେହି ବ୍ୟକ୍ତି ଦେଖିଲେ ଭାବିବ ଏହା ଏକ ବିସ୍ତୀର୍ଣ୍ଣ ପଡ଼ିଆଟିଏ। ଏହି ପୋଖରୀର ପାଣି ସ୍ଥାନୀୟ ବାସିନ୍ଦାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ହେଉଥିବା ବେଳେ ଏବେ ଲୋକେ ପାଣିର ବ୍ୟବହାର କରି ପାରୁ ନାହାନ୍ତି। ଅନ୍ୟପଟେ ମାଛ ଚାଷ ପାଇଁ ଉକ୍ତ ପୋଖରୀ ନିଲାମ ହୋଇଛି। ମାଛ ଚାଷ କରୁଥିବା ହିତାଧିକାରୀ ମାଛ ମାରିବା ସମ୍ଭବପର ନୁହେଁ। ଏଭଳି ପରିସ୍ଥିତି ଅତୀତରେ ରୁପ୍ରା ସାଗରରେ ଦେଖା ଦେଇଥିଲା ଓ ବହୁ କଷ୍ଟରେ ଏହି ଲତାର ବଂଶ ନିପାତ କରିବା ପରେ ଏବେ ପାଣି ସଫା ହୋଇଛି। ତେବେ ମାଛ ଧରାଳିଙ୍କ ଜାଲରେ ଏହି ଲତା ଆସି ବିଭିନ୍ନ ପୋଖରୀରେ ବଂଶ ବିସ୍ତାର କରୁଛି। ଦିଆରୀମୁଣ୍ଡାକୁ ଲାଗି ବଣାମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ଏହି ଲତା ବଣାମୁଣ୍ଡାକୁ ନିଶ୍ଚିତ ବ୍ୟାପିବ। ବଣାମୁଣ୍ଡାରେ ଯଦି ଏହି ଲତା ମାଡ଼େ ତା'ହେଲେ ଲୋକେ ପାଣିର ବ୍ୟବହାର କରିବା ଅସମ୍ଭବ ହୋଇପଡ଼ିବ। ଏହାକୁ ନିର୍ମୂଳ କରିବା ପାଇଁ ପ୍ରଶାସନକୁ ମୋଟା ଅଙ୍କ ଖର୍ଚ୍ଚ କରିବାକୁ ପଡ଼ିବ। ବେଳ ଥାଉଁ ଦିଆରୀମୁଣ୍ଡାକୁ ପ୍ରଶାସନ ସଫା କରିବା ଉଚିତ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ମୁରିବାହାଲ, ୨୧।୬(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୋଇମୁଣ୍ଡ ପଞ୍ଚାୟତ ଜାତୀୟ ରାଜପଥ ୫୯ରେ ଭୋଇପଡ଼ା ଗ୍ରାମର ଠେଲୋକୋମୁଣ୍ଡା ବୁଲାଣି ନିକଟରେ ଗୁରୁବାର ପୁଣି ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତୁରେକେଲା ଥାନା ଫୁଲକାନୀ ଗ୍ରାମ ୩ ଜଣ ଯୁବକ ଏକ ବାଇକ୍‌ରେ ଟିଟିଲାଗଡ଼ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ବାଇକ୍‌ରେ ବସିଥିବା ଯୁବକ ଶକୁଆ ସମରଥ (୫୪)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ପଥରରେ ଛେଚି ବୃଦ୍ଧଙ୍କୁ ହତ୍ୟା ଘଟଣା

## ପୂର୍ବଶତ୍ରୁତାରୁ ସମ୍ପର୍କୀୟ ଭାଇ ନେଲା ବଡ଼ ଭାଇର ଜୀବନ

**କଣ୍ଟାବାଞ୍ଜି, ୨୧।୬ (ସମିସ):** ସମ୍ପର୍କରେ ଲାଗିଲା କଳାଦାଗ। ପୂର୍ବଶତ୍ରୁତା ଏବଂ ଜମିବାଡ଼ି ବିବାଦକୁ ନେଇ ସମ୍ପର୍କୀୟ ସାନଭାଇ ବଡ଼ଭାଇର ଜୀବନ ନେଇଛି। ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଛି। ଏଭଳି ସାଙ୍ଘାତିକ ଘଟଣା ଘଟିଛି ସିନ୍ଧେକେଲା ଥାନା ଝଳପ ପଞ୍ଚାୟତ ସାଲେବରଟ ଗାଁରେ। ଗାଁରେ ଥିବା ମକାରୁ ରଣା ଏବଂ ସ୍ୱାଦରାଣାଙ୍କ ପରିବାର ପାରିବାରିକ ସମ୍ପର୍କଥିଲେ ମଧ୍ୟ ପିଢ଼ିପିଢ଼ିରୁ ଜମିବାଡ଼ିକୁ ନେଇ ଶତ୍ରୁତା ଲାଗି ରହିଥିଲା। ସ୍ୱାଦ ଗତକାଲି ନିଜ ୧୦ ବର୍ଷୀୟ ନାତିକୁ ସାଇକଲରେ ଝଳପ ଗାଁକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ସମ୍ପର୍କୀୟ ଦୁଇସାନ ଭାଇ ମକାରୁ ରଣା ଏବଂ ଲାଳଧର ରଣା ଅଟକାଇ ଅତି ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରିଥିଲେ। ସ୍ୱାଦଙ୍କ ନାତି ଘରକୁ ଘଟଣା ସମ୍ପର୍କରେ ସବୁ କିଛି କହିବାପରେ ହତ୍ୟାକାଣ୍ଡ ପଦାକୁ ଆସିଥିଲା। ସିନ୍ଧେକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିବାବେଳେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବାନେଇ ମକାରୁ ଏବଂ ଲାଳଧରରଣାକୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛି।

### ■ ପ୍ରେମିକର ଘର ଆଗରେ ପ୍ରେମିକାର ଧାରଣା

## ଅଭିଯୁକ୍ତ ଯୁବକ କୋର୍ଟ ଚାଲାଣ

**ପାଟଣାଗଡ଼, ୨୧।୬ (ସମିସ):** ପାଟଣାଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀ ଉକ୍ତ ଥାନା ଅଞ୍ଚଳର ତା'ର ପ୍ରେମିକର ଘର ସମ୍ମୁଖରେ ନ୍ୟାୟ ପାଇଁ ଗୁରୁବାର ଧାରଣା ଦେଇଥିଲା। ସମ୍ପୃକ୍ତ ଯୁବକ ଜଣକ ତା' ପ୍ରେମିକାକୁ ଗ୍ରହଣ ନ କରିବାରୁ ଯୁବତୀ ଶୁକ୍ରବାର ପାଟଣାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଯୁବତୀଙ୍କ ଲିଖିତ ଅଭିଯୋଗ ପାଇବାପରେ ବର୍ଥଲା ଗାଁର ଯୁଧିଷ୍ଠୀର ନାଗଙ୍କୁ କୋର୍ଟଚାଲାଣ କରିଛି। ଭାଲୁଦର୍ହ ଗାଁର ଜଣେ ଯୁବତୀଙ୍କ ସହ ବର୍ଥଲା ଗାଁର ଯୁଧିଷ୍ଠୀରଙ୍କ ମଧ୍ୟରେ ୨୦୧୯ ମସିହାରୁ ପ୍ରେମ ସମ୍ପର୍କ ଥିଲା। ୨୦୧୯ ଫେବୃୟାରୀରେ ପ୍ରେମିକ ଜଣକ ତାର ପ୍ରେମିକାକୁ ନେଇ ତାମିଲନାଡୁ ନେଇ ପଳାଇଥିଲେ। ସେଠାରେ ଉଭୟେ ଉକ୍ତ ଫାକ୍ଟ୍ରିରେ କାମ କରିବା ସହ ସ୍ୱାମୀ ସ୍ତ୍ରୀ ଭାବରେ ରହିଆସୁଥିଲେ। ଏହି ୫ ବର୍ଷ ଭିତରେ ପ୍ରେମିକା ଜଣକ ୪ ମାସର ଅନ୍ତସତ୍ୱାହେବା ପରେ ଯୁଧିଷ୍ଠିର ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ଗର୍ଭ ନଷ୍ଟ କରାଇଥିବା ଅଭିଯୋଗ ହୋଇଛି। ଏହାପରେ ସେମାନେ ସ୍ୱାମୀ ସ୍ତ୍ରୀ ଭଳି ରହୁଥିଲେ। ଆଜକୁ ଦୁଇ ମାସ ପୂର୍ବେ ପ୍ରେମିକ ଜଣକ ଘରୋଇ କାମ ବାହାନା କରି ଗାଁକୁ ପଳାଇ ଆସିଥିଲା। ନ ଫେରିବାରୁ ପ୍ରେମିକାର ସନ୍ଦେହ ହେବାରୁ ସେ ମଧ୍ୟ ନିଜ ଗାଁକୁ ପଳେଇ ଆସିଥିଲେ। ଗାଁରେ ପହଞ୍ଚି ଯୁଧିଷ୍ଠିର ଅନ୍ୟଜଣେ ଝିଅକୁ ବାହା ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଗୁରୁବାର ଯୁବତୀ ଜଣକ ଯୁଧିଷ୍ଠୀର ଘରକୁ ଯାଇଥିଲେ। ସେଠାରେ ଉଭୟେ ପ୍ରଥେମେ କଥା କଟାକଟି ହେବାପରେ ବାଚସା ହୋଇଥିଲା। ବାଧ୍ୟ ହୋଇ ଯୁବତୀ ଜଣକ ପ୍ରେମିକ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ଯୁଧିଷ୍ଠିର ଯୁବତୀଙ୍କୁ ନିର୍ଦ୍ଧୁମ ମାଡ଼ମାରି ଘଉଡାଇ ଦେଇଥିଲା। ଏନେଇ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଗତକାଲି ଯୁଧିଷ୍ଠିରକୁ ଉଠାଇଆଣି ପଚରାଉଚରା କରି ଥାନାରେ ଅଟକ ରଖିଥିଲା। ଶୁକ୍ରବାର ଉଭୟଙ୍କ ଡାକ୍ତରି ମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ତାରାବତୀ ପଧାନ ସୂଚନା ଦେଇଛନ୍ତି।



## ଦୋକାନ ଜାଳିଦେଲେ ଦୁର୍ବୃତ୍ତ

**ବୌଦ୍ଧ, ୨୧।୬(ସମିସ):** ଗୁରୁବାର ବିଳମ୍ବିତ ରାତିରେ ଦୁଇଟି ବଲେରୋରେ ବିଭିନ୍ନ ମରଣାସ୍ତ୍ର ଧରି ଦୁର୍ବୃତ୍ତମାନେ ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ପଦ୍ମନପୁର ଛକରେ ଥିବା ଏକ କିରାନା ଦୋକାନରେ ନିଆଁ ଲଗାଇ ଦେବାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅନ୍ୟ ଏକ କମ୍ପ୍ୟୁଟର ଦୋକାନର ସାମଗ୍ରୀ ମଧ୍ୟ ଭାଙ୍ଗି ଦେଇଥିବା ସୂଚନା ମିଳିଛି। ପଦ୍ମନପୁର ଛକରେ ଥିବା ଶିଳାଦିତ୍ୟ ପ୍ରଧାନଙ୍କ କିରାନା ଦୋକାନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଫଳରେ ଦୋକାନ ଭିତରେ ଥିବା ୩ ଗୋଟି ଫ୍ରିଜର ଓ ସମସ୍ତ କିରାନା ସାମଗ୍ରୀ ପୋଡି ଯାଇଛି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସେହିପରି ନିକଟରେ ଥିବା ବିମଳ ପ୍ରଧାନଙ୍କ କମ୍ପ୍ୟୁଟର ଦୋକାନର ତାଲା ଭାଙ୍ଗି ଗୋଟିଏ କମ୍ପ୍ୟୁଟର, ଗୋଟିଏ ଲାପଟପ ଓ ସ୍ୱାଇପ୍ ମେସିନ ଭାଙ୍ଗି ଦେଇଥିବା ବେଳେ ପ୍ରିଣ୍ଟର ମେସିନ ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଉଭୟ ଦୋକାନ ମାଲିକ ପୃଥକ ପୃଥକ ଭାବେ ଜହ୍ନାପଙ୍କ ଫାଣ୍ଡିରେ ଅଭିଯୋଗ କରିଥିବା ବେଳେ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ମଲିକ ପୋଲିସ୍ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

**କମ୍ପ୍ୟୁଟର ଦୋକାନ ଭାଙ୍ଗି ନେଇଗଲେ ସାମଗ୍ରୀ**



## ସମିତିସଭ୍ୟାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଉଦ୍ୟମ

### ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

**ମନମୁଣ୍ଡା, ୨୧।୬(ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିବା ସହ ବାଇକ୍ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। କଣ୍ଟାମାଳ ବ୍ଲକ ତଥା ମନମୁଣ୍ଡା ଥାନା ଦପଲା ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ପୁରୋହିତଙ୍କ ସ୍ୱାମୀ ସୁଶିଲ କୁମାର ପୁରୋହିତ ଗୁରୁବାର ରାତ୍ରି ପ୍ରାୟ ୯.୩୦ରେ ତାଙ୍କ ବାଇକ୍ ଯୋଗେ କରମାଖୋଲରୁ ନିଜ ଗ୍ରାମ ଦପଲାକୁ ଫେରୁଥିଲେ। ତାଙ୍କ ଗ୍ରାମର ମିଥୁନ ପ୍ରଧାନ ଏକ ବାଇକ୍‌ରେ ଆଉ ଦୁଇ ଜଣଙ୍କ ସହ ବିଭିନ୍ନ ମାରଣାସ୍ତ୍ର ଧରି ସୁଶିଲଙ୍କ ପିଛା କରି ଆକ୍ରମଣ ଉଦ୍ୟମ କରିଥିଲେ। ସେମାନେ ଦପଲା ପ୍ରାଥମିକ ବିଦ୍ୟାଳୟ ପାଖରେ ସୁଶିଲଙ୍କ ଆଗକୁ ବାଇକ୍ ନେଇଯିବାରୁ ସେ ନିଜ ବାଇକ୍ ଛାଡ଼ି ପଳାଇଥିଲେ। ଦୁର୍ବୃତ୍ତମାନେ ପିସ୍ତଲ, ତରୁଆଲ, ଭୁଜାଲି ଇତ୍ୟାଦି ଧରି ଆକ୍ରମଣ ଉଦ୍ଦେଶ୍ୟରେ ସୁଶିଲଙ୍କୁ ଗୋଡାଇଥିଲେ। ତେବେ ଦୁର୍ବୃତ୍ତମାନେ ସୁଶିଲଙ୍କ ବାଇକ୍‌ରେ ନିଆଁ ଲଗାଇ ପୋଡ଼ି ଦେଇଥିବା ଜଣାପଡ଼ିଛି। ରାଜନୀତି ଶତ୍ରୁତାକୁ ନେଇ ଏପରି କାଣ୍ଡ ହୋଇଥିବା ଜାଣିବାକୁ ମିଳିଛି। ସୁଶିଲ ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।



# ଓଡ଼ିଶାରୁ କେନ୍ଦୁପତ୍ର ସଂଗ୍ରହ କରୁଛି ଛତିଶଗଡ଼

ସିନାପାଲି, ୨୧।୬(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଉପାନ୍ତ ତଥା ବଣ ପାହାଡ଼ ଘେରା ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କୁ କେନ୍ଦୁପତ୍ର ରୋଜଗାର ଯୋଗାଇଥାଏ। ଏଥିରୁ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ହେଲେ ଦିନକୁ ଦିନ କେନ୍ଦୁପତ୍ର ସଂଗ୍ରହ ହାର କମି ଯାଉଥିବାରୁ ଜୀବିକା ବିପନ୍ନ ହେବାରେ ଲାଗିଛି। ଏଥିର ମୁଖ୍ୟ କାରଣ ସାଜିଛି ଜଙ୍ଗଲ ନିଆଁ ଓ ଜଙ୍ଗଲ କ୍ଷୟ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ସିନାପାଲି କେନ୍ଦୁପତ୍ର ରେଞ୍ଜ ଅଞ୍ଚଳରେ ୮୫୦୦ କେନ୍ଦୁପତ୍ର ତୋଳାଳଏ ରହିଛନ୍ତି। ଏମାନେ କେନ୍ଦୁପତ୍ର ସଂଗ୍ରହ କରି ସ୍ଥାନୀୟ ଫଡିରେ ବିକ୍ରୟ କରିଥାନ୍ତି। ସିନାପାଲି ବ୍ଲକରେ ରହିଥିବା ନଙ୍ଗଲବୋର୍ଡ, କେନ୍ଦୁମୁଣ୍ଡା (କ), କେନ୍ଦୁମୁଣ୍ଡା (ଖ), ସିନାପାଲି ଗଣ୍ଡାବହାଲି ସେକ୍ସନ ମାଧ୍ୟମରେ ସଂଗ୍ରହ କରାଯାଇ ଥାଏ। ହେଲେ ଚଳିତ ବର୍ଷ ସିନାପାଲି କେନ୍ଦୁପତ୍ର ରେଞ୍ଜ ତାହାର ଲକ୍ଷ୍ୟଧାର୍ଯ୍ୟ ପୂରଣ କରି ପାରି ନାହିଁ। ଚଳିତ ବର୍ଷ ୧କୋଟି ୨୪ ଲକ୍ଷ କେରି ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଥିବାବେଳେ ୯୦ ଲକ୍ଷ କେରି ସଂଗ୍ରହ ହୋଇଥିବା ଜଣାପଡ଼ିଛି। ଦିନକୁ ଦିନ କେନ୍ଦୁପତ୍ର ସଂଗ୍ରହ ହାର କମିବାରେ ଲାଗିଛି, ଯାହା ଆଗାମୀ ଦିନରେ ସଂଗ୍ରହ ହାର କମିବାର ଆଶଙ୍କା ରହିଛି। କେନ୍ଦୁପତ୍ରରୁ ସରକାର ରାଜସ୍ୱ ଆଦାୟ କରି ଥାଆନ୍ତି। ଯାହା ଜନସାଧାରଣଙ୍କ ଆବଶ୍ୟକତାକୁ କିଛି ମାତ୍ରାରେ ପୂରଣ କରିବାରେ ସହାୟକ ହୋଇଥାଏ। ପ୍ରତିବର୍ଷ ଏପ୍ରିଲ ମାସରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇ ଜୁନ ମାସ ପର୍ଯ୍ୟନ୍ତ ଏହା ଚାଲିଥାଏ। ଏହାକୁ ସଂଗ୍ରହ କରିବା ପାଇଁ ସକାଳୁ ଜଙ୍ଗଲକୁ ଚାଲି ଯାଆନ୍ତି। ପରେ ବିଡ଼ା ବନ୍ଧାଯାଇ ବିକ୍ରୟ ପାଇଁ ନେଇଥାନ୍ତି। ସେଠାରେ ୧୦୦ ବିଡାକୁ ୧୪୦ ଟଙ୍କାରେ ବିକ୍ରୟ କରିଥାନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସରକାର ଦୁର୍ଘଟଣା ଜନିତ ବିମା, ମୃତ୍ୟୁକାଳୀନ ସହାୟତା ସହିତ ସଂଗ୍ରହ ହାରରେ ୫୦ ପ୍ରତିଶତ ବୋନସ ଦେବାର ବ୍ୟବସ୍ଥା ରହିଛି। ସିନାପାଲି ଅଞ୍ଚଳରେ ଉତ୍କୃଷ୍ଟ ମାନର କେନ୍ଦୁପତ୍ର ମିଳିଥାଏ। ଯାହା ଅନ୍ୟ କୌଣସି ଅଞ୍ଚଳରେ ମିଳି ନ ଥାଏ। ଏହି କେନ୍ଦୁପତ୍ର ଉପରେ ପଡୋଶୀ ଛତିଶଗଡ଼ର ଲୋଲୁପ ଦୃଷ୍ଟି ପକାଇଛି। ଛତିଶଗଡ଼ ଅଞ୍ଚଳର ଲୋକେ ଓଡ଼ିଶାକୁ ପଶି ଏହି ପତ୍ର କୁ ନେଇଯାଆନ୍ତି। ଉତ୍କୃଷ୍ଟ ମାନର ହେବା ସହିତ ଓଡ଼ିଶା ଅପେକ୍ଷା ଛତିଶଗଡ଼ରେ ମୂଲ୍ୟ ଅଧିକ ଥିବାରୁ ରାତି ଅଧିଆ ଆସି ସଂଗ୍ରହ କରି ନେଇ ଯାଉଥିବାରୁ ଓଡ଼ିଶାର ତୋଳାଳୀମାନେ ନିରାଶ ହେବାକୁ ପଡୁଛି। ବିଶେଷ କରି ନୁଆମାଳପଡ଼ା, ନଙ୍ଗଲବୋର୍ଡ ଓ ଘାଟମାଳ ପଞ୍ଚାୟତ ଅଞ୍ଚଳରୁ ନେଇ ଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏପରି ବାରମ୍ବାର ଘଟୁଥିଲେ ମଧ୍ୟ କେନ୍ଦୁପତ୍ର କର୍ମଚାରୀ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳର ସଂଗ୍ରହକାରୀଙ୍କ ଜୀବନ ଜୀବିକା ବିପନ୍ନ ହେଉଥିବା ବେଳେ ସଂଗ୍ରହ ହାର କମିଛି। ସେହିପରି ସଚେତନ ଅଭାବରୁ ଜଙ୍ଗଲରେ ନିଆଁ ଲଗାଇବା ସହ ଜଙ୍ଗଲ ଧ୍ୱଂସ ମଧ୍ୟ ଏହାର ଅନ୍ୟ ଏକ କାରଣ ସାଜିଛି। ଏଥିପ୍ରତି ସଜାଗ ନ ହେଲେ ଅଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ ହାର କମିବା ସହ ଆଦିବାସୀମାନଙ୍କ ଆର୍ଥିକ ଅବସ୍ଥା ରେ ବ୍ୟାଘାତ ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସିନାପାଲି କେନ୍ଦୁପତ୍ର ରେଞ୍ଜର ଜଲିରଣାଙ୍କୁ ପଚାରିବାରୁ ସଂଗ୍ରହ ହାର କମିଛି। ଏଥିପ୍ରତି ସଜାଗ ରହିଛୁ। ଆସନ୍ତା ବର୍ଷ କିଭଳି ଟାର୍ଗେଟ ପୂରଣ ହେବ ସେଥିପାଇଁ ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

**କମୁଛି କେନ୍ଦୁପତ୍ର ସଂଗ୍ରହ ହାର**

**ସଙ୍କଟରେ ସବୁଜ ହୀରା**

**ଜଙ୍ଗଲ ଧ୍ୱଂସ ଓ ଜଙ୍ଗଲ ନିଆଁ ଯୋଗୁଁ କମୁଥିବା ଅନୁମାନ**

**ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହେଲାନି**







## ବୋରିଆ ଗୁର୍ଜିମୁଣ୍ଡା ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ଦାବି

**କେସିଙ୍ଗା, ୨୧।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବୋରିଆଠାରୁ ଗୁର୍ଜିମୁଣ୍ଡା ଗ୍ରାମ୍ୟ ରାସ୍ତା ଶୋଚନୀୟ ଭାବେ ପଡ଼ିରହିଛି। ପ୍ରାୟ ୯ କିଲୋମିଟର ରାସ୍ତା ଦୀର୍ଘ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ଏହି ରାସ୍ତା ସିଧାସଳଖ କେସିଙ୍ଗା ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହାରି ଭିତରେ ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଏହି ରାସ୍ତାକୁ ମରାମତି ଦିଗରେ ଅଣଦେଖା କରାଯାଇଛି। ଫଳରେ ବର୍ତ୍ତମାନ ବୋରିଆଠାରୁ ଗୁର୍ଜିମୁଣ୍ଡାକୁ ସଂଯୋଗ କରୁଥିବା ଆରଡ଼ି ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି। ସେହିପରି ଏହି ରାସ୍ତାରେ କୁଣ୍ଡାବନ୍ଧ ପଞ୍ଚାୟତର ଗୁର୍ଜିମୁଣ୍ଡା, କୁଣ୍ଡାବନ୍ଧ ପିପୋଲପଡ଼ା, ଲିମପଡ଼ା ଏବଂ ପଥର୍ଲା ପଞ୍ଚାୟତର ଗୌଡ଼ତୁଲା ବହାଦୁରପଦର ଓ ପଥର୍ଲାର ହଜାର ହଜାର ଜନସାଧାରଣ ଦୈନନ୍ଦିନ ଚଲାପଥ ଭାବେ ନିର୍ଭର କରିଥାନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନକୁ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀ ଯିବାଆସିବା କରିବା ସହ ଅନେକ ଜନସାଧାରଣ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ କେସିଙ୍ଗା ହସ୍ପିଟାଲ, ବ୍ଲକ ଅଫିସ, ତହସିଲଦାର ଅଫିସ, କୋର୍ଟ ଏହିଭଳି ଅନେକ କାର୍ଯ୍ୟ ସମ୍ପାଦନା ଲାଗି ନିତିଦିନ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଏହି ରାସ୍ତା ଦେଇ ମାଲପଡ଼ା, ପଥର୍ଲା, ଗୁର୍ଜିମୁଣ୍ଡା, ଗୌଡ଼ତୁଲା ଗ୍ରାମ ଅନେକ ଛାତ୍ରଛାତ୍ରୀ ବହାଦୁର ପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯିବାଆସିବା ସମୟରେ ରାସ୍ତା ଅତି ଶୋଚନୀୟ ହୋଇଥିବାରୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ହଇରାଣ ହେଉଛନ୍ତି। ଅନେକ ସ୍ଥାନରେ ମେଟାଲ ଉଠିବା ସହ ରାସ୍ତାର ଉଭୟ ପାର୍ଶ୍ୱ ଖାଲ ହୋଇଯାଇଛି। କେସିଙ୍ଗା ସହର ନିକଟତମ ହୋଇଥିବାରୁ ଅନେକ ଲୋକ ନିଜର ପେଟପାଟଣା ପାଇଁ ଦୈନନ୍ଦିନ କାର୍ଯ୍ୟରୁ ସନ୍ଧ୍ୟା ବେଳେ ଘରକୁ ଫେରିବା ସମୟରେ ରାସ୍ତା ଖାଲ ନର୍ଦ୍ଦମା ହୋଇଥିବାରୁ ଅନେକାଂଶରେ ସାଇକଲରୁ କିଛି ଲୋକ ପଡ଼ିଯାଇ ଖଣ୍ଡିଆ ଖାବରା ହୋଉଥିବାର ଲୋକେ ପ୍ରକାଶ କରିଛନ୍ତି। ଏଦିଗରେ ପୂର୍ତ୍ତ ବିଭାଗ ଅତିଶୀଘ୍ର ଦୃଷ୍ଟିଦେଇ ବୋରିଆଠାରୁ ଗୁର୍ଜିମୁଣ୍ଡା ରାସ୍ତା ଉନ୍ନତିକରଣ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

